ଧରିତ୍ରୀ
DHARITRI
January 19-25, 2020 ₹ 2/-

# ଛୁଟିଦିନ



# ବୃକ୍ଷ ପ୍ରେମରେ ବନ୍ଧା

୩
ପ୍ରଚ୍ଛଦ ପ୍ରସଙ୍ଗ

ବୃକ୍ଷର ପରିମାଣ କମିଯିବା ଯୋଗୁ ପୃଥିବୀର ଆୟୁଷ ଧୀରେ ଧୀରେ କମିବାରେ ଲାଗିଛି। ତେଣୁ ଏବେ ସମୟ ଆସିଛି କିପରି ଏ ପୃଥିବୀକୁ ପୁଣି ସବୁଜିମାରେ ଭରିଦେବା, ସେ ନେଇ ଚିନ୍ତା କରିବାର ଆଉ ପଦକ୍ଷେପ ନେବାର। ଏଇ ଯେମିତି କିଛି ଲୋକ ସେ ବିଷୟରେ ଚିନ୍ତା କରି ଆଗକୁ ପାଦ ବଢ଼ାଇଛନ୍ତି ଆଉ ସେଥିରେ ସଫଳ ହେବାରେ ବି ଲାଗିଛନ୍ତି...



୧୩
ସହରଠୁ ଦୂର



୮/୯
ସିନେମା

## ସେଲିବ୍ରିଟିଙ୍କ ଅନ୍ଧବିଶ୍ୱାସ

ଗ୍ଲାମର ଜଗତର ସେଲିବ୍ରିଟିମାନେ ବି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇଥାନ୍ତି। ବିଶ୍ୱାସ ହେଉନଥିଲେ ବି ଏହା ସତ। ତେବେ ବି-ଟାଉନର କିଛି ସେଲିବ୍ରିଟିଙ୍କର କ'ଣ ସବୁ ଅନ୍ଧବିଶ୍ୱାସ ରହିଛି ସେ ସମ୍ପର୍କରେ ଜାଣିବା...

* ବିଗ୍ ବି ଅମିତାଭ ବଚ୍ଚନଙ୍କ ଇଂଲିଶ ଅକ୍ଷର 'ଏ'କୁ ନେଇ ରହିଛି ଅନ୍ଧବିଶ୍ୱାସ। 'ଏ' ଅକ୍ଷର ତାଙ୍କ ପାଇଁ ଶୁଭ ବୋଲି ସେ ବିଶ୍ୱାସ କରନ୍ତି। ତେଣୁ ସେ ନିଜ ନାତୁଣୀଙ୍କ ନାମ ଏ'ଅକ୍ଷରରୁ ରଖିଛନ୍ତି ଆରାଧ୍ୟା'।

* କିଙ୍ଗ ଖାନ ଶାହାରୁଖଙ୍କ '୫୫୫' ନମ୍ବରକୁ ନେଇ ଅନ୍ଧବିଶ୍ୱାସ ରହିଛି। ଶାହାରୁଖଙ୍କ ପ୍ରତ୍ୟେକ ଗାଡିର ନମ୍ବର ପ୍ଲେଟ ଏବଂ ମୋବାଇଲ ନମ୍ବରରେ ତିନୋଟି ୫ ଅବଶ୍ୟ ରହିଥାଏ।



* ଆଇପିଏଲରେ ନିଜ ଟିମ୍‌ର ମ୍ୟାଚ ଦେଖୁଥିବା ବେଳେ ସିଲ୍ପା ସେଟ୍ଟି କୁହ୍ରା ହାତରେ ଦୁଇଟି ଘଣ୍ଟା ପିନ୍ଧିଥାନ୍ତି। ଏହା ଟିମ୍ ପାଇଁ ଶୁଭଙ୍କର ବୋଲି ତାଙ୍କର ଅନ୍ଧବିଶ୍ୱାସ ରହିଛି।

*ବୋଲ୍ଡ ବିୟୁଟି ବିଦ୍ୟା ବାଲାନଙ୍କର ନାଲି ରଙ୍ଗକୁ ନେଇ ରହିଛି ଅନ୍ଧବିଶ୍ୱାସ। ସେ କୁହନ୍ତି 'କାହାନୀ' ଏବଂ 'ଡର୍ଟି ପିକ୍ଚର' ହିଟ ହେବା ପଛରେ କାଳେ ସେ ଫିଲ୍ମରେ ପିନ୍ଧିଥିବା ନାଲିରଙ୍ଗ କଷ୍ଟ୍ୟୁମର ଅବଦାନ ରହିଛି।

* ଭାଇଜାନ ସଲମାନ ଖାନଙ୍କ ସାଫାୟର ବ୍ରେସଲେଟ୍ ହେଉଛି ତାଙ୍କ ଲକି ଚାର୍ମ। ବାପାଙ୍କ ଦ୍ୱାରା ପ୍ରଦତ୍ତ ଏହି ବ୍ରେସଲେଟ ଶୁଭ ବୋଲି ତାଙ୍କର ବିଶ୍ୱାସ ରହିଛି ।

*ସଞ୍ଜୁ ବାବା ଉର୍ଫ ସଞ୍ଜୟ ଦତ୍ତଙ୍କ ସଂଖ୍ୟା ୯କୁ ନେଇ ରହିଛି ଅନ୍ଧବିଶ୍ୱାସ। ୯ ସଂଖ୍ୟାଟି ତାଙ୍କ ପାଇଁ ଶୁଭ ବୋଲି ବିଶ୍ୱାସ କରି ସେ ନିଜ ଗାଡିର ନମ୍ବର ୪୫୪୫ ରଖିଥାନ୍ତି। ଯେହେତୁ ୪ ଏବଂ ୫ ର ସମ୍ମିଶ୍ରଣ ୯।

* ମିଷ୍ଟର ପରଫେକ୍ସନିଷ୍ଟ ଅମିର ଖାନଙ୍କ ଅନ୍ଧବିଶ୍ୱାସ ରହିଛି, ନିଜ ଫିଲ୍ମକୁ ଡିସେମ୍ବର ମାସରେ ରିଲିଜ କରିବା ପାଇଁ। ଏହା ଦ୍ୱାରା ଫିଲ୍ମଟି ବକ୍ସଅଫିସ୍‌ରେ ହିଟ ହୋଇଥାଏ ବୋଲି ତାଙ୍କର ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁଆରୀ ୧୯-୨୫

**ମେଷ**
ନୂତନ ଯୋଜନାରମ୍ଭ, ସାମାଜିକ ସମ୍ମାନ ଲାଭ, ସ୍ୱାସ୍ଥ୍ୟ ସମସ୍ୟା। ଭୁଲ୍ ନିଷ୍ପତ୍ତି, ଆର୍ଥିକ କ୍ଷତି, ପାରିବାରିକ ଅଶାନ୍ତି, ପବ୍ଲିକେଶନରେ ଦ୍ୱନ୍ଦ୍ୱ, ସଭାସମିତିରେ ମତପାର୍ଥକ୍ୟ, ବିଦେଶ ଯାତ୍ରାର ସୁଯୋଗ ଲାଭ, ଅଭିଳାଷ ପୂରଣ, ମନୋରଞ୍ଜନର ମଉକା।

**ବୃଷ**
କର୍ମକ୍ଷେତ୍ରରେ ସମ୍ମାନ, ପାରିବାରିକ ଶୃଙ୍ଖଳା, କଳାକାରଙ୍କୁ ପ୍ରଶଂସା, କ୍ରୀଡାରୁ ପୁରସ୍କାର, ନୂତନ ସ୍ଥାନ ପରିଭ୍ରମଣ, ଯାନ୍ତ୍ରିକ ଶିଳ୍ପରୁ ଲାଭ, କଚେରି ମାମଲାରୁ ଦୁଶ୍ଚିନ୍ତା, ପରୋକ୍ଷ ଶତ୍ରୁତା, ଆର୍ଥିକ ସମସ୍ୟା।

**ମିଥୁନ**
ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ସଦ୍‌ଭାବ, ଉଚ୍ଚ ସମ୍ମାନ, ବନ୍ଧୁଙ୍କ ସାହାଯ୍ୟ, ପଡୋଶୀଙ୍କ ସହଯୋଗ, ମର୍ଯ୍ୟାଦାଜନକ ସ୍ଥିତି। ସହକର୍ମୀଙ୍କ ବିରୋଧାଭାସ, ଆର୍ଥିକ ଅନଟନ, ଅପବାଦ ପାଇବେ।

**କର୍କଟ**
ଉନ୍ନତ ଚିନ୍ତା, ସୁପରିକଳ୍ପିତ ଯୋଜନା, ନିୟନ୍ତ୍ରିତ ସମସ୍ୟା, ଶିଳ୍ପବାଣିଜ୍ୟରେ ଉନ୍ନତି, ଆନୁଷ୍ଠାନିକ ସମସ୍ୟା, ମାଲିମକଦ୍ଦମାରେ ଡିଗ୍ରୀଲାଭ, ଯାତ୍ରାରେ ପ୍ରତିବନ୍ଧକ, ଆତ୍ମୀୟଙ୍କ ଅପପ୍ରଚାର।

**ସିଂହ**
ବିଶିଷ୍ଟବ୍ୟକ୍ତିଙ୍କ ସାନିଧ୍ୟ, ନୂତନ କାର୍ଯ୍ୟାରମ୍ଭ, ପ୍ରକାଶନରେ ବିଳମ୍ବ, ପ୍ରଶାସନିକ ବିତର୍କ, ଆଇନ ସହାୟତା, ମକଦ୍ଦମାର ଫଇସଲା, ନୂତନ ଗୃହନିର୍ମାଣ, ଯାନ୍ତ୍ରିକ ଜିନିଷକ୍ରୟ, ପାରିବାରିକ ସମସ୍ୟା।

**କନ୍ୟା**
ସୁସ୍ଥ ପରିବେଶ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ଆର୍ଥିକ ଅବନତି, କର୍ମ କ୍ଷେତ୍ରରେ ପ୍ରତିବନ୍ଧକ, ଗଠନମୂଳକ କାମ, ଜମିଜମା ବିକ୍ରୟ, ଭ୍ରାତୃସମ୍ପର୍କରେ ଉନ୍ନତି, ସନ୍ତାନଙ୍କ କୃତିତ୍ୱ, ଋଣଦାତାଙ୍କ କଟୁକ୍ତି।

**ତୁଳା**
ଅର୍ଥନୈତିକ ପ୍ରଗତି, ସାମାଜିକ ସ୍ୱୀକୃତି, ଅଗ୍ରଗାମୀ ପ୍ରକଳ୍ପ, ଆର୍ଥିକ ଭରଣା। ମାନସିକ ଚାପ, ପରୋକ୍ଷ ଶତ୍ରୁତା, ପାରିବାରିକ ଅଶାନ୍ତି, ପ୍ରଶାସନିକ ସଫଳତା, ମାଙ୍ଗଳିକ କାର୍ଯ୍ୟର ପରିକଳ୍ପନା, ବ୍ୟବସାୟରେ କ୍ଷତି, ବକେୟାକୁ ନେଇ କଳହ।

**ବିଛା**
ସରକାରୀ ସହାୟତା, ନୂତନ ଗୃହାରମ୍ଭ, ଅଭିଳାଷ ପୂରଣ, ଯାନବାହନ ଲାଭ, ଶିକ୍ଷାରେ ସଫଳତା। ଆତ୍ମୀୟଙ୍କ ଈର୍ଷା, ପରିବହନରେ ସମସ୍ୟା, ବିଦେଶ ଯାତ୍ରା, ନୂତନ ନିଯୁକ୍ତି, ମାନସିକ ଶାନ୍ତି, ରଚନାତ୍ମକ କାର୍ଯ୍ୟ, କୁଟୀର ଶିଳ୍ପରେ ଉନ୍ନତି।

**ଧନୁ**
ପ୍ରତିକୂଳ ପରିସ୍ଥିତି, ବନ୍ଧୁଙ୍କ ପ୍ରତିଶ୍ରୁତି, ଆଶାର ଆଲୋକ। ପ୍ରତିରୋଧର ସାମ୍ନା, ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱ, ଅଶ୍ୱସ୍ତିକର ପରିସ୍ଥିତି, ଜମିଜମା ଲାଭ, ବାଣିଜ୍ୟରେ ଅଭିବୃଦ୍ଧି। ସ୍ୱାସ୍ଥ୍ୟ ସମସ୍ୟା, ଆତ୍ମୀୟଙ୍କ ଅନାଦର, ପଡୋଶୀଙ୍କ କଟୁକ୍ତି।

**ମକର**
ବିଳମ୍ବିତକାର୍ଯ୍ୟ, ଭରଷା ହରାଇବେ, ଭୁଲ୍ ପଦକ୍ଷେପ, ସ୍ୱଜନଙ୍କ ଅସହଯୋଗ। ସହକର୍ମୀଙ୍କ ଉଦାରତା, ସାମାଜିକ ସମ୍ମାନ, ବନ୍ଧୁ ମିଳନ, କୂଟନୀତିରେ କାର୍ଯ୍ୟସାଧନ, ଆଧ୍ୟାତ୍ମିକ ଆଲୋଚନା।

**କୁମ୍ଭ**
ଆରୋଗ୍ୟ ଲାଭ, ସାହସିକ ପଦକ୍ଷେପ, ଲକ୍ଷ୍ୟ ହାସଲ। ସନ୍ତାନଙ୍କ ବିଶୃଙ୍ଖଳା, ଉଦ୍‌ଯାପନ, ପୁରସ୍କୃତ ହୋଇପାରନ୍ତି। ବନ୍ଧୁ ମିଳନ, ମାଙ୍ଗଳିକ କାମ, ମୂଲ୍ୟବାନ ଦ୍ରବ୍ୟ ଲାଭ, କାର୍ଯ୍ୟ ସିଦ୍ଧି, ବିବାଦରେ ବିଜୟଲାଭ, ଲୋକସମ୍ପର୍କରୁ ସମ୍ମାନ।

**ମୀନ**
ମାନସିକ ଚାପ, ମିତ୍ରବନ୍ଧୁଙ୍କ ସାହାଯ୍ୟ, କାର୍ଯ୍ୟ ଅଟକିବ ନାହିଁ। ସ୍ୱାସ୍ଥ୍ୟଗତ ବୈଷମ୍ୟ, କାର୍ଯ୍ୟଦକ୍ଷତାର ପ୍ରଶଂସା, ସାମ୍ବାଦିକତାର ବିରୋଧ, ପ୍ରତିଯୋଗିତାରେ ସଫଳତା, ସମୟୋଚିତ ପଦକ୍ଷେପ, ଧର୍ମକାର୍ଯ୍ୟ ସମ୍ପନ୍ନ।

## ଜାତୀୟ ନିଶ ଦାଢି ଚାମ୍ପିୟନଶିପ

ପୃଥିବୀରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାମାନ ଆୟୋଜିତ ହୋଇଥାଏ। ପ୍ରତିଯୋଗୀଙ୍କ ପ୍ରତିଭା ପ୍ରଦର୍ଶନର ଏହା ଏକ ଉତ୍ତମ ମାଧ୍ୟମ ହୋଇଥିବା ବେଳେ ପ୍ରତିଭାକୁ ପ୍ରୋତ୍ସାହନ ଦେବାରେ ମଧ୍ୟ ଏହା ବେଶ୍ ସହାୟକ ହୋଇଥାଏ। ତେବେ ପୃଥିବୀରେ ଏଭଳି ବି କିଛି ପ୍ରତିଯୋଗିତା ହୁଏ ଯାହା ଦେଖିବାକୁ ଯେତିକି ନିଆରା ସେତିକି କୌତୂହଳପ୍ରଦ ମଧ୍ୟ। ସେହିଭଳି ଏକ ମଜାଦାର ପ୍ରତିଯୋଗିତା ଅନୁଷ୍ଠିତ ହୁଏ ଯୁକ୍ତରାଷ୍ଟ୍ର ଆମେରିକାରେ। ପ୍ରତିବର୍ଷ ବିଅର୍ଡ ଟିମ୍ ୟୁଏସ୍‌ଏ ତରଫରୁ ଅନୁଷ୍ଠିତ ହୋଇଥାଏ ଦାଢି ଏବଂ ନିଶ ପ୍ରତିଯୋଗିତା। ଏହି ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ନିଜ ନିଶ ଏବଂ ଦାଢିକୁ ବିଭିନ୍ନ ଡିଜାଇନରେ ସଜାଡି ପ୍ରଦର୍ଶିତ କରିଥାନ୍ତି। ମୋଟ ୫୦ଟି କ୍ୟାଟେଗୋରୀରେ ପ୍ରତିଯୋଗୀମାନେ ନିଜ ନାଁ କୁ ପଞ୍ଜୀକୃତ କରିଥାନ୍ତି। ଯେକୌଣସି ବୟସର ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରିବାର ସୁଯୋଗ ରହିଛି। ଏଥିରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିମାନେ ନିଜ ନିଶ



ଏବଂ ଦାଢିକୁ ବିଭିନ୍ନ ସୃଜନାତ୍ମକ ଢଙ୍ଗରେ କାଟିବା ସହ ବିଭିନ୍ନ ଷ୍ଟାଇଲରେ ସଜାଇଥାନ୍ତି। ତେବେ ଏହି ପ୍ରତିଯୋଗିତାର ଏକ ସ୍ୱତନ୍ତ୍ରତା ହେଲା ଏଥିରେ ମହିଳାମାନେ ମଧ୍ୟ ଅଂଶ ଗ୍ରହଣ କରିଥାନ୍ତି। ଏମାନେ ଆର୍ଟିଫିସିଆଲ ନିଶ ଦାଢିକୁ ନିଜ ମୁହଁରେ ବିଭିନ୍ନ ଆକାରରେ ସଜାଇ ପ୍ରତିଯୋଗିତାରେ ଭାଗ ନେଇଥାନ୍ତି। ଆକର୍ଷକ ତଥା ସୃଜନାତ୍ମକ ନିଶ ଦାଢି ଥିବା ବ୍ୟକ୍ତିଙ୍କୁ ପ୍ରତିଯୋଗିତା ଶେଷରେ ପୁରସ୍କୃତ କରାଯାଇଥାଏ।

## ପାଠକୀୟ

■ ଦିନେ ନୁହେଁ କି ମାସେ ନୁହେଁ, ବର୍ଷବର୍ଷ ଧରି ଏମାନେ ଜାରି ରଖିଛନ୍ତି ତାଙ୍କ ସାଧନା। କିଏ ପାହାଡ କାଟି ତ କିଏ ମନ୍ଦିର ନିର୍ମାଣ କରି ପୁଣି ଆଉ କିଏ ଲୋକଙ୍କ ପାଇଁ କରିଛନ୍ତି ପର୍ଯ୍ୟଟନସ୍ଥଳୀ। ପର୍ଯ୍ୟଟନକୁ ନେଇ ସେମାନଙ୍କ ମନରେ ରହିଛି ଗଭୀର ଚିନ୍ତା। ପର୍ଯ୍ୟଟନ ପ୍ରତି ଚିନ୍ତାଶୀଳ ଥିବା କେତେଜଣ ବ୍ୟକ୍ତିବିଶେଷଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଖୁବ୍ ସୁନ୍ଦର ହୋଇଥିଲା। 'ବାଣ୍ଟିଲେ ବଢେ ଖୁସି' ଏବଂ 'ପେପର କୋଲାଜ୍ ପେଣ୍ଟିଙ୍ଗ୍' ଆଦି ପାଠଗୁଡ଼ିକ ବି ବେଶ୍ ଶିକ୍ଷଣୀୟ ହୋଇଥିଲା।

**–ରାକେଶ ବରାଳ, ସମ୍ବଲପୁର**

■ ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ପର୍ଯ୍ୟଟନ ଚିନ୍ତା'ଟି ଏକ ପ୍ରେରଣାଦାୟୀ ବିଷୟ ଥିଲା। ସତରେ ଏତେ କଷ୍ଟ କରି ଲୁକ୍କାୟିତ ପର୍ଯ୍ୟଟନ ପୀଠକୁ ଲୋକଲୋଚନକୁ ଆଣିଥିବା ଏହି କେତେଜଣ ବ୍ୟକ୍ତିବିଶେଷଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ବୋଉ' ଗପଟି ଖୁବ୍ ଭଲ ହୋଇଥିଲା। ମା' ଯୋଗମାୟା ପୀଠ ସମ୍ବନ୍ଧରେ ବି ଅନେକ ଅଜଣା ତଥ୍ୟ ଜାଣିହେଲା।

**–ଅରୁଣ, ମାନସ**

■ ବ୍ୟକ୍ତିତ୍ୱ ପୃଷ୍ଠାରୁ ନବ୍ୟ ଆନ୍ଦୋଳନର ସାରଥି କୁହାଯାଉଥିବା ୟୁ.ଆର୍.ଅନନ୍ତମୂର୍ତ୍ତିଙ୍କ ବିଷୟରେ ଅନେକ କିଛି ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସିନେମା ପୃଷ୍ଠାରେ ସ୍ଥାନିତ ଜାହ୍ନବୀ କପୁରଙ୍କ ଫଟୋଟି ବି ବେଶ୍ ଆକର୍ଷଣୀୟ ହୋଇଥିଲା। ଅନ୍ୟପକ୍ଷେ ପ୍ରଥମ ରୋଜଗାର ସ୍ତମ୍ଭରୁ କବି, ଗାଳ୍ପିକ ତଥା ସ୍ତମ୍ଭକାର ଶରତ କୁମାର ଦାସଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନକୁ ଖୁବ୍ ଛୁଇଁ ପାରିଥିଲା।

**–ତୋଫାନ୍ କୁମାର ସାହୁ, ଢେଙ୍କାନାଳ**

■ 'ଚା'ର ମଜା ବଢାଇବ ଏହି ଟି' ପଟ୍' ପାଠଟି ବହୁତ ଭଲ ହୋଇଥିଲା। ସେହିପରି ମଡେଲ୍ ଯୁଗ୍ମପ୍ରଭାଙ୍କ ଫଟୋଟି ବି ଖୁବ୍ ସୁନ୍ଦର ଲାଗୁଥିଲା। ଅନ୍ୟପକ୍ଷେ ସହର ପୃଷ୍ଠାରୁ 'ମା' ଯୋଗମାୟା ପୀଠ' ସମ୍ପର୍କରେ ଅନେକ ଅଜଣା କଥା ଜାଣି ଆଶ୍ଚର୍ଯ୍ୟ ଲାଗିଲା। ଆଉ ହାଃ ହାଃ ଓ କାର୍ଟୁନ କର୍ନର ହସର ବେଶ୍ ଖୋରାକ୍ ଯୋଗାଇଥିଲା।

**–ଭବାନୀ ମହାନ୍ତି, କେନ୍ଦ୍ରାପଡା**

■ ବିବିଧା ପୃଷ୍ଠାରେ ସ୍ଥାନିତ 'ସୁନାର ସାଫା', ବ୍ୟାକପେଜ୍ ପୃଷ୍ଠାରେ ସ୍ଥାନିତ 'ପେଣ୍ଟିଂର ମୂଲ୍ୟ ୧୭୭ କୋଟି', 'ଜିଞ୍ଜର ବ୍ରେଡ୍ ସ୍ଥାପତ୍ୟ' ତଥା 'ବରେଲୀରେ ହେଉଛି ଝୁମ୍‌କା ଛକ'ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ମଜାଦାର୍ ବି ଲାଗୁଥିଲା। ସେହିପରି ଯାତ୍ରା ପୃଷ୍ଠାରୁ ବି ଅନେକ ଉପାଦେୟ ତଥ୍ୟ ଜାଣିହେଲା।

**–କେଶବ ଦାଶ, ଯାଜପୁର**



### ବିଶେଷ ଚିଠି

ଧରିତ୍ରୀର ଛୁଟିଦିନ ପ୍ରଚ୍ଛଦରେ ପର୍ଯ୍ୟଟନ
ନୂଆ ନୂଆ କଥା ଆଣି ମନ ମୋର ନିଏ କିଣି।
ସିନେମାରେ ସାରା, ଜାହ୍ନବୀ, ଅକ୍ଷୟଙ୍କ କଥା
ସାଥୀ ଉତ୍ତର ଦୂର କରେ ମନର ବ୍ୟଥା।
ବିଚିତ୍ର ବିଚିତ୍ର ଟି' ପଟ୍‌ର ଫଟୋ ଦେଖି
ଆଶ୍ଚର୍ଯ୍ୟରେ ଆଖି ମୋର ଗଲା ଲାଖି।
ତା'ସହିତ ସହର, ବିବିଧା ଓ ଯାତ୍ରା
ଦିଏ ଆମକୁ ଅନେକ ଶିକ୍ଷଣୀୟ ବାର୍ତ୍ତା।
ଏହିପରି ଷୋହଳ ପୃଷ୍ଠାକୁ ନେଇ ଛୁଟିଦିନ
ପ୍ରଭୁକୃପାରୁ ଆସନ୍ତା କି ପ୍ରତିଦିନ।

**–ଅଭିନାଶ ମହାନ୍ତି, ଚକ୍ରତୀର୍ଥ ରୋଡ, ପୁରୀ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ବୃକ୍ଷ ପ୍ରେମରେ ବନ୍ଧା

ବୃକ୍ଷ ହିଁ ଜୀବନ। ହେଲେ ଅଧୁନା ମଣିଷ ନିଜର ସ୍ୱାର୍ଥ ସାଧନ ଲାଗି କାଟି ଚାଲିଛି ଶହଶହ ବର୍ଷର ପୁରୁଣା ଗଛ। ଜଙ୍ଗଲ କାଟି ପଦା କରିବା ଯୋଗୁ ପ୍ରକୃତି ତା'ର ଭାରସାମ୍ୟ ହରାଇବାକୁ ବସିଲାଣି । ତା'ସହିତ ପରିବେଶ ସନ୍ତୁଳନରେ ବାଧା ବି ଉପୁଜିଲାଣି। ବାସ୍ତବ କଥା କହିବାକୁ ଗଲେ ବୃକ୍ଷର ପରିମାଣ ହ୍ରାସ ପାଇବା ଯୋଗୁ ପୃଥିବୀର ଆୟୁଷ ଧୀରେ ଧୀରେ କମିବାରେ ଲାଗିଛି। ତେଣୁ ଏବେ ସମୟ ଆସିଛି କିପରି ଏ ପୃଥିବୀକୁ ପୁଣି ସବୁଜିମାରେ ଭରିଦେବା, ସେ ନେଇ ଚିନ୍ତା କରିବାର ଆଉ ପଦକ୍ଷେପ ନେବାର। ଏଇ ଯେମିତି କିଛି ଲୋକ ସେ ବିଷୟରେ ଚିନ୍ତା କରି ଆଗକୁ ପାଦ ବଢ଼ାଇଛନ୍ତି ଆଉ ସେଥିରେ ସଫଳ ହେବାରେ ବି ଲାଗିଛନ୍ତି...

**ଫରେଷ୍ଟ ମ୍ୟାନ୍ ଅଫ୍ ଇଣ୍ଡିଆ ଯାଦବ:** ଆସାମର ଯାଦବ ପାୟେଙ୍ଗ୍। ହେଲେ ସେ 'ମୋଲାଇ'ନାମରେ ବେଶ୍ ପରିଚିତ। ଜଣେ ପରିବେଶବିତ୍ ଭାବେ ତାଙ୍କର ରହିଛି ଅନେକ ଖ୍ୟାତି। ତାଙ୍କୁ ଯେତେବେଳେ ମାତ୍ର ୧୬ ବର୍ଷ ବୟସ ହୋଇଥିଲା, ସେତେବେଳେ ସ୍ଥାନୀୟ ଅଞ୍ଚଳରେ ଏକ ଭୟଙ୍କର ବନ୍ୟା ହୋଇଥିଲା। ଘରଦ୍ୱାର, ଗଛଲତା ଭାଙ୍ଗିଯିବା ସହ ଚାରିଆଡ଼େ ପଙ୍କୁଆ ମାଟି ମାଡି ଯାଇଥିଲା। ଗଛଲତା ଅଭାବରୁ ପରବର୍ତ୍ତୀ ସମୟରେ ସେହି ଅଞ୍ଚଳରେ ଭୀଷଣ ଗରମ ବି ଅନୁଭୂତ ହୋଇଥିଲା। ଦିନେ ଯାଦବ ଦେଖିବାକୁ ପାଇଲେ ଅସହ୍ୟ ଗରମ ସହି ନ ପାରି କିଛି ସାପ ମରିପଡିଛନ୍ତି। ଏହା ତାଙ୍କୁ ଭାରି କଷ୍ଟ ଦେଇଥିଲା। ସେ ଚିନ୍ତା କଲେ ଯଦି ବୃକ୍ଷ ଅଭାବରୁ ସାପଙ୍କର ଏ ଅବସ୍ଥା ହେଉଛି ତା'ହେଲେ ଭବିଷ୍ୟତରେ ମଣିଷଙ୍କର କି ଅବସ୍ଥା ନ ହେବ ? ତେଣୁ ସେ ନିଷ୍ପତ୍ତି ନେଲେ ପୁଣି ଥରେ ତାଙ୍କ ଅଞ୍ଚଳକୁ ଶସ୍ୟଶ୍ୟାମଳାରେ ଭରିଦେବେ। ଏକଥା ତାଙ୍କ ପାଖପଡ଼ୋଶୀଙ୍କୁ ଜଣାଇବାରୁ ସେମାନେ ଯାଦବଙ୍କୁ ଉତ୍ସାହିତ କରିବା ସହ ତାଙ୍କୁ କିଛି ବାଉଁଶର ମଞ୍ଜି ଦେଇଥିଲେ। ବାସ୍ ଏହିଠାରୁ ହିଁ ତାଙ୍କର ବୃକ୍ଷରୋପଣ କରିବାର ଅଭିଯାନ ଆରମ୍ଭ ହୋଇଥିଲା। ଏହାର କିଛିଦିନ ପରେ ନିକଟସ୍ଥ ଅଞ୍ଚଳରେ ଫରେଷ୍ଟ ଡିପାର୍ଟମେଣ୍ଟ ତରଫରୁ ପ୍ରାୟ ୨୦୦ ହେକ୍ଟରରେ ଗଛଲଗାଇବାର ଏକ ପ୍ରୋଜେକ୍ଟ ଆରମ୍ଭ ହେଲା। ଯାଦବ ଏହି ପୋଜେକ୍ଟରେ ଶ୍ରମିକ ଭାବେ କାମକରି ଗଛ ଲଗାଉଥିଲେ। କିଛିଦିନ ଭିତରେ ପ୍ରୋଜେକ୍ଟ କାମ ସରିଯିବାରୁ ସମସ୍ତେ ସେଠାରୁ ଚାଲିଯାଇଥିଲେ। ହେଲେ ଯାଦବ ଏହି ଗଛ ପ୍ରେମରେ ଏମିତି ବାନ୍ଧି ହୋଇଯାଇଥିଲେ ଯେ, ସେବେଠାରୁ ନିରନ୍ତର ଭାବେ ସେଗୁଡ଼ିକର ଯତ୍ନ ନେଇ ବଡାଇବା ସହ ସ୍ୱଚେଷ୍ଟାରେ ଆଉ କିଛି ଗଛ ବି ସେଠାରେ ଲଗାଇଥିଲେ। ତାଙ୍କର କେବଳ ଗୋଟିଏ ଲକ୍ଷ୍ୟ ଥିଲା ସେହି ଅଞ୍ଚଳକୁ ସବୁଜିମାରେ ଭରି ଦେବା ଆଉ ପୁଣିଥରେ ପଶୁପକ୍ଷୀଙ୍କର ବଂଶ ବୃଦ୍ଧି କରାଇବା। ଶେଷରେ ସେ ଏହି କାର୍ଯ୍ୟରେ ସଫଳ ବି ହେଲେ। ଜଙ୍ଗଲ ସୃଷ୍ଟି ହୋଇଯିବାରୁ ବିଭିନ୍ନ ପଶୁପକ୍ଷୀ ବି ଆସି ଏଠାରେ ଆଶ୍ରୟ ନେବାକୁ ଲାଗିଲେ। କ୍ରମେ ତାଙ୍କର ଏହି ମହତ୍ କାର୍ଯ୍ୟ ସମ୍ପର୍କରେ ଚର୍ଚ୍ଚା ହେବାରୁ ବିଭିନ୍ନ ସ୍ଥାନରୁ ଲୋକେ ଏଠାକୁ ବୁଲି ଆସିଲେ। ଆସାମର ଜୋର୍‌ହାଟ୍ ଜିଲା ଅନ୍ତର୍ଗତ କୋକିଳାମୁଖ ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ବ୍ରହ୍ମପୁତ୍ର ନଦୀପଠାକୁ ଲାଗି ପ୍ରାୟ ୫୫୦ ହେକ୍ଟର ଜମିରେ ଯାଦବଙ୍କ ଦ୍ୱାରା ଗଢି ଉଠିଥିବା ଏହି ଜଙ୍ଗଲକୁ ପରବର୍ତ୍ତୀ ସମୟରେ ଯାଦବଙ୍କ ନାମାନୁସାରେ 'ମୋଲାଇ ଜଙ୍ଗଲ' ଭାବେ ପରିଚିତି ମିଳିବା ସହ ତାଙ୍କୁ ଲୋକେ ସ୍ନେହରେ 'ଫରେଷ୍ଟ ମ୍ୟାନ୍ ଅଫ୍ ଇଣ୍ଡିଆ'ବୋଲି ସମ୍ବୋଧନ କରିବାକୁ ଲାଗିଲେ। ଏପିରି କି ତାଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କୃତ ବି କରାଗଲା। ସେହିପରି ୨୦୧୫ରେ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ମଧ୍ୟ ହେଲେ। କେବଳ ସେତିକି ନୁହେଁ, ଯାଦବଙ୍କ ଜୀବନଶୈଳୀକୁ ନେଇ ଅନେକ ଡକ୍ୟୁମେଣ୍ଟାରୀ ବି ହୋଇସାରିଲାଣି।

**ଟାଙ୍ଗରା ଭୂମିକୁ ଶସ୍ୟଶ୍ୟାମଳାରେ ଭରିଦେଲେ ଜଣେ ଅଧ୍ୟାପକ:** କର୍ନାଟକର ଉଡୁପି ଜିଲା ଅନ୍ତର୍ଗତ ହେରୁର୍ ନାମକ ଗାଁରେ ରିଚାର୍ଡ ରେବେଲୋଙ୍କର ରହିଛି ୨୫ ଏକରର ଏକ ଏଗ୍ରିକଲ୍‌ଚରାଲ୍ ଫାର୍ମ। ରିଚାର୍ଡ ହେଉଛନ୍ତି ବାଣିଜ୍ୟ ବିଭାଗର ଜଣେ ଅବସରପ୍ରାପ୍ତ ଅଧ୍ୟାପକ। କୃଷି ଉପରେ ତାଙ୍କର ଆଦୌ ଜ୍ଞାନ ନ ଥିଲା। ହେଲେ ସେ କିପରି ଏହି ଟାଙ୍ଗରା ଜମିକୁ ଶସ୍ୟଶ୍ୟାମଳାରେ ଭରିଦେଲେ ତାହା ହେଉଛି ସବୁଠୁ ଆଶ୍ଚର୍ଯ୍ୟର କଥା। ସୂଚନାନୁଯାୟୀ, ୧୯୮୭ରେ ରିଚାର୍ଡଙ୍କର ଜଣେ ଡାକ୍ତର ବନ୍ଧୁଙ୍କ ପାଖେ ଏହି ଜମିଟି ଥିଲା। ସେତେବେଳେ ଏହି ଜମିରେ ପାଣିର ସ୍ତର ଖୁବ୍ ତଳେ ରହୁଥିଲା। ତା'ସହିତ ଏହି ଜମିର ମାଟି ଖୁବ୍ ଟାଣ ଆଉ ପଥୁରିଆ ରହୁଥିବାରୁ ବର୍ଷାଜଳକୁ ବି ବାନ୍ଧି ରଖିପାରୁ ନ ଥିଲା। ଫଳରେ କିଛି ଚାଷବାସ କରି ହେଉ ନ ଥିଲା। ଟାଙ୍ଗରା ଭୂମିଭାବେ ଏହା ସେମିତି ପଡିଥିଲା। ସେଥିପାଇଁ ସେହି ଡାକ୍ତର ଜଣଙ୍କ ଜମିକୁ ବିକିବା ପାଇଁ ନିଷ୍ପତ୍ତି ନେଇଥିଲେ ଆଉ ରିଚାର୍ଡଙ୍କୁ ଏଥିପାଇଁ ଜଣେ ଗ୍ରାହକ ଠିକ୍ କରିଦେବା ପାଇଁ କହିଥିଲେ। ହେଲେ କେହି ଗ୍ରାହକ ମିଳୁ ନ ଥିଲେ। ଯେଉଁଥିପାଇଁ ତାଙ୍କ ବନ୍ଧୁ ଖୁବ୍ ଚିନ୍ତାରେ ରହୁଥିଲେ। ଶେଷରେ ବନ୍ଧୁଙ୍କୁ ଚିନ୍ତାମୁକ୍ତ କରିବା ପାଇଁ ରିଚାର୍ଡ ସେହି ଜମିଟିକୁ କିଣିନେଲେ। ଆଉ ସେହି ଟାଙ୍ଗରା ଭୂମିରେ କେମିତି ଅମଳ କରି ଦେଖାଇବେ ସେ ନେଇ ଦୃଢ଼ ସଂକଳ୍ପ ବି ନେଲେ। ତାଙ୍କର ପ୍ରଥମ କାମ ଥିଲା ଜମିରେ ଥିବା ପାଣି ସମସ୍ୟାକୁ କେମିତି ସମାଧାନ କରିବେ। ସେଥିପାଇଁ ସେ ବିଭିନ୍ନ ପାହାଡିଆ ଅଞ୍ଚଳକୁ ବୁଲି ଯାଉଥିଲେ, ଯେଉଁଠାରେ ପାଣି ସମସ୍ୟାକୁ ବିଭିନ୍ନ ଉପାୟରେ ସମାଧାନ କରି ଲୋକେ ଚାଷବାସ କରିପାରୁଥିଲେ। ସେମାନଙ୍କଠାରୁ ସରଳ ଉପାୟ ସବୁ ଜାଣିବା ପରେ ରିଚାର୍ଡ ଆସି ସେହି ଅନୁଯାୟୀ ନିଜ ଜମିରେ ଚାଷ କରିବାକୁ ଲାଗିଲେ। ତା'ସହିତ ବର୍ଷାଜଳକୁ ସଞ୍ଚୟ କରି ରଖିବା ପାଇଁ ସେ ତାଙ୍କ ଜମିରେ ସ୍ୱତନ୍ତ୍ର ଗାତ ମଧ୍ୟ ଖୋଳିଥିଲେ। ଶେଷରେ ବହୁ ଉଦ୍ୟମ ଓ କଠିନ ପରିଶ୍ରମ କରି ସେ ତାଙ୍କର ଏହି ଟାଙ୍ଗରା ଭୂମିରେ ଗଛ ବଞ୍ଚାଇବାରେ ସଫଳ ହୋଇଥିଲେ। ବର୍ତ୍ତମାନ ଏହି ଜମିରେ ସେ ବିଭିନ୍ନ କିସମର ଫଳ, ଫୁଲ, ପନିପରିବା ତଥା ଔଷଧୀୟ ବୃକ୍ଷ ଲଗାଇ ସେଥିରୁ ଭଲ ଲାଭ ପାଇବା ସହ କୁକୁଡା ଫାର୍ମ ଓ ଗୋପାଳନ ବି କରିବାରେ ସଫଳ ହୋଇପାରିଛନ୍ତି।

**ଗଛ ଲଗାଇ ଅଭୟାରଣ୍ୟ ସୃଷ୍ଟି କଲେ ଦମ୍ପତି:** ଅନିଲ୍ କୁମାର ମଲହୋତ୍ରା ଏବଂ ପାମେଲା ମଲ୍‌ହୋତ୍ରା ହେଲେ ଏନ୍‌ଆର୍‌ଆଇ ଦମ୍ପତି। ଉଭୟଙ୍କୁ ଗଛଲତା, ପଶୁପକ୍ଷୀ ବହୁତ ଭଲ ଲାଗନ୍ତି। ସେମାନଙ୍କର ଗୋଟିଏ ଲକ୍ଷ୍ୟ ଥିଲା କେଉଁଠି ଏକ ଜାଗା କିଣି ତାକୁ ସବୁଜିମାରେ ଭରି ପ୍ରକୃତି କୋଳରେ ଶାନ୍ତିରେ ବାସ କରିବେ। ଏମିତିରେ ସେମାନଙ୍କ ନଜରକୁ ଆସିଥିଲା କର୍ନାଟକର କୋଡାଗୁ ଜିଲା ଅନ୍ତର୍ଗତ ୫୫ ଏକରର ଏକ ସ୍ଥାନ, ଯାହା ସେତେବେଳେ ସ୍ଥାନୀୟ ଲୋକଙ୍କର କୌଣସି କାମରେ ଆସୁ ନ ଥିଲା। ସେହି ସ୍ଥାନରେ ଖୁବ୍ ବର୍ଷା ହେଉଥିବାରୁ

→

ବୃକ୍ଷର ପରିମାଣ କମିଯିବା ଯୋଗୁ ପୃଥିବୀର ଆୟୁଷ ଧୀରେ ଧୀରେ କମିବାରେ ଲାଗିଛି। ତେଣୁ ଏବେ ସମୟ ଆସିଛି କିପରି ଏ ପୃଥିବୀକୁ ପୁଣି ସବୁଜିମାରେ ଭରିଦେବା, ସେ ନେଇ ଚିନ୍ତା କରିବାର ଆଉ ପଦକ୍ଷେପ ନେବାର। ଏଇ ଯେମିତି କିଛି ଲୋକ ସେ ବିଷୟରେ ଚିନ୍ତା କରି ଆଗକୁ ପାଦ ବଢ଼ାଇଛନ୍ତି ଆଉ ସେଥିରେ ସଫଳ ହେବାରେ ବି ଲାଗିଛନ୍ତି...


ରାଧାଶ୍ୟାମ





ଚାଷବାସ କରିବା ବି ସେଠାରେ ସମ୍ଭବ ନ ଥିଲା। ଏହା ଜାଣିବା ପରେ ଅନିଲ୍ ଏବଂ ତାଙ୍କ ସ୍ତ୍ରୀ ଉକ୍ତ ସ୍ଥାନକୁ କିଣି ନେଇଥିଲେ ଆଉ ସେଠାରେ ଆସି ରହିବାକୁ ଲାଗିଲେ। ପ୍ରବଳ ବର୍ଷା ହେଉଥିବାରୁ ଚାଷ ସିନା ହୋଇ ପାରିବ ନାହିଁ ହେଲେ ସେଠାରେ ବର୍ଷାରଣ୍ୟ ତ ସୃଷ୍ଟି କରିହେବ। ତେଣୁ ସେମାନେ ଗୋଟିଏ ଲକ୍ଷ୍ୟରେ ଚାଲିଲେ, କେମିତି ସେହି ସ୍ଥାନଟିକୁ ଶସ୍ୟଶ୍ୟାମଳାରେ ଭରି ବର୍ଷାରଣ୍ୟ କରିବେ ଆଉ ପଶୁପକ୍ଷୀଙ୍କୁ ସୁରକ୍ଷା ଦେବେ। ସେଥିପାଇଁ ସେମାନେ ସେଠାରେ ଅଧିକରୁ ଅଧିକ ଗଛ ଲଗାଇବାକୁ ଲାଗିଲେ। ଜଙ୍ଗଲ ସୃଷ୍ଟି ହେବାରୁ ଧୀରେ ଧୀରେ ପଶୁପକ୍ଷୀ ବି ଆସି ସେଠାରେ ଆଶ୍ରୟ ନେଲେ। ସୂଚନାନୁଯାୟୀ, ୧୯୯୧ ମସିହାରେ ଆରମ୍ଭ ହୋଇଥିବା ଏହି ପ୍ରୟାସ ଏବେ ଏକ ସଫଳ ପ୍ରୋଜେକ୍ଟରେ ପରିଣତ ହୋଇଛି। ମାତ୍ର ୫୫ ଏକରରୁ ଆରମ୍ଭ ହୋଇଥିବା ଏହି ପ୍ରୟାସ କ୍ରମେ ବଢି ବଢି ଆଖପାଖର ପ୍ରାୟ ୩୦୦ ଏକରର ଅଞ୍ଚଳକୁ ଘଞ୍ଚ ଜଙ୍ଗଲରେ ପରିଣତ କରିଦେଇଛି। ତା'ସହିତ ଏହି ଦମ୍ପତିଙ୍କ ଚେଷ୍ଟାରେ ସେହି ସ୍ଥାନରେ ଏକ ଅଭୟାରଣ୍ୟ ବି ଗଢି ଉଠିଛି, ଯେଉଁଠାରେ ବହୁ ବିରଳ ପଶୁପକ୍ଷୀଙ୍କୁ ଦେଖିବାକୁ ମିଳୁଛି। ସତରେ ପ୍ରକୃତି ପାଇଁ ଏହି ଦମ୍ପତିଙ୍କର ଏଭଳି ଚିନ୍ତା ପ୍ରଶଂସାଯୋଗ୍ୟ।

**ଗଛ ଲଗାଇ ଉଦାହରଣ ସୃଷ୍ଟି କଲେ ବ୍ରାଜିଲ ଦମ୍ପତି:** ବ୍ରାଜିଲର ଜଣେ ଲୋକପ୍ରିୟ ଫଟୋଗ୍ରାଫର ହେଲେ ସେବାଷ୍ଟିଆଓ ରିବେଇରୋ ସାଲ୍‌ଗାଡୋ। ସ୍ଥାନୀୟ ମିନାସ୍ ଜେରାଇସ୍‌ରେ ତାଙ୍କ ଘର। ପିଲାଟି ଦିନରୁ ସେ ଦେଖି ଆସୁଥିଲେ ତାଙ୍କର ଆଖପାଖ ଅଞ୍ଚଳ ସବୁ ଗଛଲତା, ଫୁଲଫଳରେ ଭରପୂର ହୋଇ ରହିଥିଲା। ଯୁଆଡେ ଚାହିଁବ ସବୁଜ ବନାନୀ। ତାକୁ ହିଁ ଦେଖି ସେ ବଡ ହେଉଥିଲେ। ଫଟୋଗ୍ରାଫିରେ କ୍ୟାରିୟର୍ କରିବା ପରେ ତାଙ୍କୁ ଘରଛାଡି ବାହାରକୁ ଯିବାକୁ ପଡିଲା। ବେଶ୍ କିଛିବର୍ଷ ବାହାରେ ରହିବା ପରେ ଶସ୍ୟଶ୍ୟାମଳାଭରା ତାଙ୍କର ସେହି ଅଞ୍ଚଳକୁ ସେ ଏବଂ ତାଙ୍କର ସ୍ତ୍ରୀ ଲେଲିଆ ଡେଲୁଇଜ୍ ୱାନିକ୍ ସାଲଗାଡୋ ଟିକେ ବୁଲି ଆସିଥିଲେ। ହେଲେ ସେତେବେଳକୁ ତାଙ୍କ ଅଞ୍ଚଳ ଟାଙ୍ଗରା ଭୂମିରେ ପରିଣତ ହୋଇସାରିଥାଏ। ଏହା ପଛର ମୁଖ୍ୟ କାରଣ ଥିଲା ଗଛ କାଟି ଜଙ୍ଗଲକୁ ନଷ୍ଟ କରିବା। ସ୍ଥାନୀୟ ଅଞ୍ଚଳର ଏପରି ଅବସ୍ଥା ଦେଖି ଭାଙ୍ଗି ପଡିଥିଲେ ସାଲ୍‌ଗାଡୋ। ହେଲେ ସେଠାରେ ତାଙ୍କ ସ୍ତ୍ରୀ ତାଙ୍କୁ ଆଶ୍ୱସନା ଦେଇଥିଲେ, ଯଦି ଆମେ ପୁଣି ଏଠାରେ ଗଛ ଲଗାଇବା ଆରମ୍ଭ କରିବା, ତା'ହେଲେ କିଛିଦିନ ଭିତରେ ଏ ଅଞ୍ଚଳ ପୁଣିଥରେ ତା'ର ସୌନ୍ଦର୍ଯ୍ୟ ଫେରି ପାଇବ। ବାସ୍ ଏହାକୁ ଜୀବନର ଲକ୍ଷ୍ୟ ଭାବି ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଉଭୟ ସ୍ୱାମୀ ସ୍ତ୍ରୀ ଏହି ମହତ୍ କାମରେ ଲାଗିଛନ୍ତି। ତା'ସହିତ ସେମାନେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବି ପ୍ରତିଷ୍ଠା କରିଛନ୍ତି। ଏହି ଅନୁଷ୍ଠାନରେ ବହୁ ସ୍ୱେଚ୍ଛାକର୍ମୀ ସାମିଲ ହୋଇ ଗଛ ଲଗାଇବା ଏବଂ ତା'ର ଯତ୍ନ ନେବାରେ ସେମାନଙ୍କୁ ସାହାଯ୍ୟ କରିଆସୁଛନ୍ତି। ଯା'ଭିତରେ ସେମାନେ ପ୍ରାୟ ୧୭୫୦ ଏକର ପରିମିତ ଅଞ୍ଚଳରେ ପ୍ରାୟ ୪ ମିଲିୟନ୍‌ରୁ ଅଧିକ ଗଛ ଲଗାଇ ପୁନର୍ବାର ସେହି ଅଞ୍ଚଳକୁ ସବୁଜିମାରେ ଭରିଦେଲେଣି। ଫଳରେ ଅନେକ ପଶୁପକ୍ଷୀ ବି ଆସି ସେଠାରେ ଆଶ୍ରୟ ନେବାକୁ ଲାଗିଲେଣି। ସୂଚନାନୁଯାୟୀ, ଏବେ ସେହି ଅଞ୍ଚଳରେ କୁଆଡେ ପ୍ରାୟ ୧୭୨ ପ୍ରଜାତିର ପକ୍ଷୀ, ୩୩ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୧୫ ପ୍ରଜାତିର ସରୀସୃପ, ୧୫ ପ୍ରଜାତିର ଉଭୟଚର ପ୍ରାଣୀ ତଥା ୨୯୩ କିସମର ବୃକ୍ଷଲତା ଦେଖିବାକୁ ମିଳୁଛି। ପୁନର୍ବାର ନିଜ ଅଞ୍ଚଳକୁ ଶସ୍ୟଶ୍ୟାମଳାରେ ପରିପୂର୍ଣ୍ଣ କରିପାରିଥିବାରୁ ଏହି ବ୍ରାଜିଲ୍ ଦମ୍ପତି ବେଶ୍ ଖୁସି ହେବା ସହ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି।


ଯାଦବ


ପତ୍ନୀଙ୍କ ସହ ସାଲ୍‌ଗାଡୋ


ନିରଞ୍ଜନ

**ଗଛ ପ୍ରେମରେ ବନ୍ଧା ରାଧାଶ୍ୟାମ:** ଯାଜପୁର ଜିଲା ଦଶରଥପୁର ବ୍ଲକ କଯାଁ ପଞ୍ଚାୟତ ଅନ୍ତର୍ଗତ ଇଚ୍ଛାପୁର ଗାଁର ଜଣେ ସରଳ ମଣିଷ ହେଲେ ରାଧାଶ୍ୟାମ ଦାସ। ବୟସ ତାଙ୍କୁ ୪୦ ପାଖାପାଖି ହେବ। ପେସାରେ ସେ ଜଣେ ଅଟୋ ଚାଳକ। ହେଲେ ନିଶା ତାଙ୍କର ଗଛ ଲଗାଇବା ଓ ତା'ର ଯତ୍ନ ନେବା। ଆଜକୁ ପ୍ରାୟ ୧୫ ବର୍ଷ ତଳେ ରାଧାଶ୍ୟାମ ଦିଲ୍ଲୀର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସେଠାରେ ଅଶ୍ୱିନୀ କୁମାର ଦୁବେ ନାମକ ଜଣେ ଆଡଭୋକେଟ୍‌ଙ୍କ ସଂସ୍ପର୍ଶରେ ସେ ଆସିଥିଲେ। ଆଡଭୋକେଟ୍ ଜଣକ ସେତେବେଳେ ଜାଗୃତି ଫାଉଣ୍ଡେଶନ ନାମକ ଏକ ଏନଜିଓ ସଂସ୍ଥା ଗଠନ କରି ବୃକ୍ଷରୋପଣ କାର୍ଯ୍ୟ ନିଜ ହାତକୁ ନେଇଥିଲେ। ଦିଲ୍ଲୀରେ ସେ ଏବଂ ତାଙ୍କ ସଂସ୍ଥା ଏତେ ଆଦୃତ ହେଲା ଯେ ରାଧାଶ୍ୟାମ ବି ଏଥିରେ ଅନୁପ୍ରାଣିତ ହୋଇ ଏହିପରି ବୃକ୍ଷରୋପଣ କରିବାକୁ ମନସ୍ଥ କରିଥିଲେ। ଆଉ ଏହି ସ୍ୱପ୍ନକୁ ସାକାର ରୂପ ଦେବା ପାଇଁ ଶେଷରେ ରାଧାଶ୍ୟାମ ଚାକିରି ଛାଡି ଗାଁକୁ ଚାଲି ଆସିଲେ ଏବଂ ନିଜ ଗାଁ ଓ ଆଖପାଖ ଗାଁର ରାସ୍ତା ପାର୍ଶ୍ୱ, ପୋଖରୀ ହୁଡା, ବୈତରଣୀ ନଦୀ ପଠା, ବିଭିନ୍ନ ସ୍କୁଲ ପ୍ରାଙ୍ଗଣ ତଥା ପତିତ ଜମିରେ ଗଛ ଲଗାଇବାକୁ ଲାଗିଲେ। ଯା'ଭିତରେ ସେ ପ୍ରାୟ ୫ହଜାରରୁ ଅଧିକ ବୃକ୍ଷରୋପଣ କରିସାରିଲେଣି। ସେ କେବଳ ଗଛ ଲଗାନ୍ତି ତାହା ନୁହେଁ ଏହାର ରକ୍ଷଣାବେକ୍ଷଣ ପାଇଁ ବି ନିଜ ହାତରୁ ଅର୍ଥ ଖର୍ଚ୍ଚ କରିଥାନ୍ତି। ଏହି ଅର୍ଥ ସେ ଅଟୋ ଚଳାଇ ଯୋଗାଡ କରିଥାନ୍ତି। ପ୍ରତିଦିନ ସକାଳେ ୨ ଘଣ୍ଟା ଏବଂ ସନ୍ଧ୍ୟାରେ ୨ ଘଣ୍ଟା ସେ ଏହି ଗଛଗୁଡ଼ିକର ଯତ୍ନ ନେବାରେ ସମୟ ଅତିବାହିତ କରିଥାନ୍ତି। ଏହା ଯେମିତି ତାଙ୍କର ଅଭ୍ୟାସରେ ପରିଣତ ହୋଇଯାଇଛି। ସେ ମୁଖ୍ୟତଃ ନିମ, କଦମ୍ବ, ବଉଳ, ଦେବଦାରୁ, ଇଉକାଲିପଟାସ ଆଦି ଗଛ ନର୍ସରିରୁ କିଣି ଆଣି ବିଭିନ୍ନ ସ୍ଥାନରେ ଲଗାଇଥାନ୍ତି। ତାଙ୍କର ଏତାଦୃଶ କାର୍ଯ୍ୟ ଦେଖି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ତାଙ୍କୁ ଶୁଭେଚ୍ଛାର ବାର୍ତ୍ତା ପଠାଇବା ସହ ତାଙ୍କ ସହିତ ମିଶି ବୃକ୍ଷରୋପଣ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି ବୋଲି ରାଧାଶ୍ୟାମ କହିଥାନ୍ତି। ତେବେ ସେ ଯାହା ହେଉ, ସ୍ୱଚେଷ୍ଟାରେ କିଛି ଗଛ ଲଗାଇ ପ୍ରକୃତିକୁ ଶସ୍ୟ ଶ୍ୟାମଳା କରିବାକୁ ଉଦ୍ୟମ କରୁଥିବା ରାଧାଶ୍ୟାମ ଏବେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଜଣେ ଉଦାହରଣ ପାଲଟି ଯାଇଛନ୍ତି।

**ପ୍ରକୃତିର ଚିତ୍ର ଆଙ୍କୁ ଆଙ୍କୁ ଗଛ ପ୍ରେମରେ ପଡ଼ିଲେ ନିରଞ୍ଜନ:** ଭଦ୍ରକ ଜିଲାର ରାନ୍ଧିଆରେ ରୁହନ୍ତି ନିରଞ୍ଜନ ନାୟକ(ନିରନ୍)। ଜଣେ ଚିତ୍ରଶିଳ୍ପୀ ଭାବେ ସ୍ଥାନୀୟ ଅଞ୍ଚଳରେ ସେ ବେଶ୍ ପରିଚିତ। ରଙ୍ଗତୂଳୀରେ ପ୍ରକୃତିର ଚିତ୍ର ଆଙ୍କୁ ଆଙ୍କୁ ଗଛ ପ୍ରେମରେ ସେ ପଡି ଯାଇଥିଲେ। ବୃକ୍ଷଲତାରେ ଭରା ସବୁଜିମା ପରିବେଶ ସୃଷ୍ଟି କରିବାକୁ ସଂକଳ୍ପ ନେଇ ସେ କ୍ରମେ ବୃକ୍ଷରୋପଣ କରିବା ଆରମ୍ଭ କରିଥିଲେ। ୨୦୦୭ ମସିହାରୁ ସେ ଏହି ମହତ୍ କାମ ଆରମ୍ଭ କରି ଯା'ଭିତରେ ପ୍ରାୟ ୨ ହଜାର ବୃକ୍ଷ ଲଗାଇ ନିଜ ପିତୃପୁରୁଷଙ୍କ ଟାଙ୍ଗରା ଜମିକୁ ଶ୍ୟାମଳ ପାଟଶାଢି ପିନ୍ଧେଇ ସାରିଲେଣି। କେବଳ ସେତିକି ନୁହେଁ ନିରଞ୍ଜନଙ୍କ ଗାଁରେ ଥିବା ଏକ ଗ୍ରାମ୍ୟ ଜଙ୍ଗଲକୁ ଏକଦା ନଷ୍ଟ କରି ସେଠାରେ ଗୋଟିଏ ମଳ ବର୍ଜ୍ୟବସ୍ତୁ ପ୍ଲାଣ୍ଟ କରିବାର ସରକାରୀ ଯୋଜନା ହୋଇଥିଲା। ଏକଥା ନିରଞ୍ଜନ ଜାଣିବା ପରେ ସେଠାରେ ଗଛ କଟାଇ ନ ଦେବାକୁ ମନସ୍ଥ କରି ତା'ର ଘୋର ବିରୋଧ କରିଥିଲେ ଏବଂ ସେଥିରେ ସଫଳ ମଧ୍ୟ ହୋଇଥିଲେ। ତା'ସହିତ ତାଙ୍କ ପ୍ରେରଣାରେ ପରବର୍ତ୍ତୀ ସମୟରେ ଭଦ୍ରକ ସହରର ଆଖପାଖ ଅଞ୍ଚଳରେ ପ୍ରାୟ ୨୦ ହଜାର ବୃକ୍ଷ ବି ଲଗାଯାଇଥିଲା, ଯାହା ଥିଲା ଏକ ଉତ୍ତମ ପଦକ୍ଷେପ। ନିରଞ୍ଜନ ଏବେ ବୃକ୍ଷ ସମ୍ପର୍କିତ ବିଭିନ୍ନ ଅନୁଷ୍ଠାନ ସହ ବି ଜଡିତ। ଏଥିସହିତ ସେ 'ଗଛ ମଣିଷ' ନାମରେ ଏକ ଅନୁଷ୍ଠାନ ମଧ୍ୟ ଗଢିଛନ୍ତି। ଏହି ଅନୁଷ୍ଠାନରେ ପ୍ରାୟ ୪୦ ଜଣ ସଦସ୍ୟ ତାଙ୍କ ସହ ଆଜୀବନ ରହି ବୃକ୍ଷରୋପଣ କରିବାର ଅଭୀପ୍ସା ରଖିଛନ୍ତି। ଏ ନେଇ ନିରଞ୍ଜନ କୁହନ୍ତି, ବୃକ୍ଷ ବି ମଣିଷଙ୍କ ପରି କଥା ହୁଅନ୍ତି। ମୋତେ ଲାଗେ ସେମାନଙ୍କ ହୃଦୟର କଥା ମୁଁ ଯେମିତି ଉପଲବ୍ଧି କରିପାରୁଛି। ସେଥିପାଇଁ ମୁଁ ତାଙ୍କୁ ଭଲପାଏ ଆଉ ଯତ୍ନ ନିଏ। ମୋ ଦେହରେ ଜୀବନ ଥିଲା ଯାଏ ମୁଁ ବୃକ୍ଷଙ୍କୁ ଏମିତି ଭଲ ପାଉଥିବି।

ତେଣୁ ଶେଷରେ କେବଳ ଏତିକି କୁହାଯାଇପାରେ, ଯଦି ଏହିଭଳି କିଛି ଲୋକଙ୍କ ପରି ଅନ୍ୟମାନେ ବି ସଚେତନ ହୋଇ ଗଛ ଲଗାଇବା ସହ ତା'ର ଯତ୍ନ ନେବାକୁ ଆଗେଇ ଆସନ୍ତେ, ତା'ହେଲେ ଖୁବ୍‌ଶୀଘ୍ର ଆମ ପୃଥିବୀ ସବୁଜିମାରେ ଭରିଯିବା ସହ ତା'ର ପୂର୍ବ ସୌନ୍ଦର୍ଯ୍ୟ ଫେରିପାଆନ୍ତା।

**–ଅମ୍ରିତା**

**ସହାୟତା : ଦୀପ୍ତି ରଞ୍ଜନ ନାୟକ**


ଅନୀଲ-ପାମେଲା


ରିଚାର୍ଡ



# ଟେନ୍ସ ୱିଣ୍ଟର ଜ୍ୟାକେଟ୍



**ଋତୁ ଯାହା ବି ହେଉ ସମସ୍ତେ ଷ୍ଟାଇଲିସ୍ ଲାଗିବାକୁ ଚାହାନ୍ତି। ହେଲେ ଶୀତଋତୁରେ ସ୍ମାର୍ଟ ଲୁକ୍ ମିଳିବା ମୁସ୍କିଲ ବୋଲି ଅନେକେ ଭାବନ୍ତି। କିନ୍ତୁ ଏହି ଋତୁରେ ବି ଚାହିଁଲେ ସ୍ମାର୍ଟ ଲୁକ୍ ପାଇ ପାରିବେ। ଆଉ ତାକୁ ସମ୍ଭବ କରିବ ଜ୍ୟାକେଟ୍। କାରଣ ଏହି ଋତୁରେ ବିଭିନ୍ନ ଭେରାଇଟିର ୱିଣ୍ଟର ଜ୍ୟାକେଟ୍ ବଜାରରେ ଉପଲବ୍ଧ ହୁଏ। ଖାସ୍‌କରି ପୁରୁଷମାନେ ଏହି ଜ୍ୟାକେଟ୍ ପିନ୍ଧି ଲାଗିବେ ବେଶ୍ ଷ୍ଟାଇଲିସ୍...**

---

**ୱାକ୍ସଡ୍ ଜ୍ୟାକେଟ୍–** ଏହି ଜ୍ୟାକେଟ୍ ମିଡିୟମ୍ ସାଇଜ୍‌ର ହୋଇଥାଏ। ଲମ୍ବ ଅଣ୍ଟା ପର୍ଯ୍ୟନ୍ତ ଏବଂ ଏଥିରେ ହୁଡ୍ ଲାଗିଥାଏ। ୱାକ୍ସଡ୍ କଟନ୍‌ରେ ତିଆରି ହୋଇଥିବାରୁ ଏହା ଅଧିକ ଉଷ୍ମତା ପ୍ରଦାନ କରିଥାଏ। ଏହାକୁ ଆପଣ ଜିନ୍ସ, ବୁଟ୍‌ସ ଓ ସ୍କାର୍ଫ ସହ ପେୟାର କରି ପିନ୍ଧିପାରିବେ।

**ଲେଦର୍ ବମର୍ ଜ୍ୟାକେଟ୍–** ଏହି ଜ୍ୟାକେଟ୍‌ର ଉପର ଚମଡା ଓ ଭିତର ଉଲ୍‌ରେ ତିଆରି। ତେଣୁ ଏହା ଅଧିକ ଉଷ୍ମତା ପ୍ରଦାନ କରିଥାଏ। ଏହାର ଲମ୍ବ ମିଡିୟମ୍ ସାଇଜ୍‌ର। ଏହାକୁ ପିନ୍ଧିଲେ ଷ୍ଟାଇଲିଶ ଲୁକ୍ ମିଳିଥାଏ। ତେଣୁ ଏହାର ଡିମାଣ୍ଡ ସବୁବେଳେ ରହିଆସିଛି। ଏହାକୁ ଜିନ୍ସ ଓ ଟି-ସର୍ଟ ସହ ପେୟାର କଲେ ଲୁକ୍ ସ୍ମାର୍ଟ ଲାଗିଥାଏ।

**ଡେନିମ୍ ଜ୍ୟାକେଟ୍–** କାଜୁଆଲ ଲୁକ୍ ହେଉକି ପାର୍ଟି ଅବା ଡେଟ୍ ଲୁକ୍, ସବୁଥିପାଇଁ ଡେନିମ୍ ଜ୍ୟାକେଟ୍ ପରଫେକ୍ଟ ଅପ୍ସନ। ଏହା ଶୀତରୁ ରକ୍ଷା କରିବା ସହ କୁଲ୍ ଲୁକ୍ ଦେଇଥାଏ। ଡେନିମ୍ ପ୍ୟାଣ୍ଟ ସହ ଟି–ସର୍ଟ ଓ ଡେନିମ୍ ଜ୍ୟାକେଟ୍ ବହୁତ ଭଲ ଲାଗେ।

**ଟ୍ରେଞ୍ଚ କୋଟ୍–** ଏହା ଦେଖିବାକୁ ଓଭରକୋଟ୍ ପରି। ହେଲେ ଲମ୍ବା ଟିକେ କମ୍। ପଛରେ ହୁଡ୍ ବି ଥାଏ। ଏହା ଉଲ୍, ଚମଡା, କଟନ୍ ମ୍ୟାଟେରିଆଲ୍‌ରେ ଉପଲବ୍ଧ ହୋଇଥାଏ। ଏଥିରେ ଏକ ବେଲ୍ଟ ଥାଏ, ଯାହା ସ୍ମାର୍ଟ ଲୁକ୍ ଦେଇଥାଏ। ଅଧିକ ଉଚ୍ଚତାବିଶିଷ୍ଟ ବ୍ୟକ୍ତି ଏହାକୁ ପିନ୍ଧିଲେ ବହୁତ ଭଲ ଲାଗେ। ତେବେ ଏହାକୁ କିଣିବାବେଳେ ମାପିବା ଜରୁରୀ।

**ଟପ୍ କୋଟ୍ ବା ଓଭର୍ କୋଟ୍–** ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବ ଏହି କୋଟ୍, ସବୁ ପୁରୁଷଙ୍କୁ ଭଲ ମାନିଥାଏ। ତେବେ ଅଧିକ ଡେଙ୍ଗା ବ୍ୟକ୍ତିଙ୍କୁ ଏହା ଟିକେ ବେଶି ଷ୍ଟାଇଲିସ୍ ଲାଗେ। ପ୍ରବଳ ଥଣ୍ଡାରୁ ରକ୍ଷା କରିପାରୁଥିବା ଏହି କୋଟ୍‌କୁ ସୁଟ୍ ସହ ପେୟାର କଲେ ଭଲ ଲାଗିଥାଏ।

**ଷ୍ଟାଣ୍ଡ ନେକ୍ ଜିପର୍–** ଏହି ଜ୍ୟାକେଟ୍ ଆପଣଙ୍କୁ ହିରୋ ଲୁକ୍ ଦେବ। ଅଣ୍ଟା ପର୍ଯ୍ୟନ୍ତ ଲମ୍ବ ବିଶିଷ୍ଟ ଏହି ଜ୍ୟାକେଟ୍‌ର ବେକ ଟିକେ ଲମ୍ବା ଓ ଏହା ଶରୀର ସହ ଲାଗି ରହେ। ଏହା କାଜୁଆଲ ୱେର୍, ଆଉଟ୍ ଡୋର୍, କ୍ୟାମ୍ପିଂ, ସ୍ପୋର୍ଟ୍ସ ଆଦି ପାଇଁ ଫିଟ୍। କେବଳ ଡେନିମ୍ ପ୍ୟାଣ୍ଟ ନୁହେଁ ଜଗର୍ ଟ୍ରାଉଜର୍, ସ୍ୱେଟପ୍ୟାଣ୍ଟ, ସ୍ନିକର୍ ସହ ପେୟାର୍ କରି ଏହାକୁ ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳିଥାଏ।

## ଜ୍ୟାକେଟ୍ କିଣିବା ବେଳେ

୧.ଜ୍ୟାକେଟ୍ ସବୁବେଳେ ମାପିକି କିଣନ୍ତୁ।
୨. ନିଜକୁ ସୁଟ୍ କଲା ଭଳି ରଙ୍ଗ ବାଛନ୍ତୁ। ତା'ସହ ଏଭଳି ରଙ୍ଗ ବାଛନ୍ତୁ ଯାହା ଶୀଘ୍ର ମଇଳା ହେଉ ନ ଥିବ।
୩. ମୋଟା ହୋଇଥିଲେ ପତଳା ଫ୍ୟାବ୍ରିକ୍‌ର ଜ୍ୟାକେଟ୍ ଏବଂ ପତଳା ହୋଇଥିଲେ ମୋଟା ଫ୍ୟାବ୍ରିକ୍‌ର ଜ୍ୟାକେଟ୍ କିଣନ୍ତୁ।











# ବି.ସରୋଜା ଦେବୀ

ଭାରତୀୟ ସିନେମା ଜଗତର ଜଣେ ଅନ୍ୟତମ ସଫଳ ଅଭିନେତ୍ରୀ ହେଉଛନ୍ତି ବି.ସରୋଜା ଦେବୀ। ହିନ୍ଦୀ, ତେଲୁଗୁ, ତାମିଲ ଏବଂ କନ୍ନଡ଼ ଭାଷାରେ ସେ ଦୁଇଶହରୁ ଅଧିକ ଫିଲ୍ମରେ ଅଭିନୟ କରିଛନ୍ତି। ଏକାଦିକ୍ରମେ ଛ' ଦଶନ୍ଧି ସେ ଅଭିନୟ କରି ନିଜ ଅଭିନୟ କଳାର ପ୍ରଦର୍ଶନ କରିଛନ୍ତି। ଭାରତୀୟ ସିନେମା ଇତିହାସରେ ତାଙ୍କୁ ଜଣେ ସଫଳ ଅଭିନେତ୍ରୀ ବୋଲି କୁହାଯାଇଥାଏ। ତାଙ୍କ ଅଭିନୟର ବାସ୍ତବତା ଯୋଗୁ ତାଙ୍କୁ 'ଅଭିନୟ ସରସ୍ୱତୀ' ବୋଲି ମଧ୍ୟ କୁହାଯାଇଥାଏ। ମାତ୍ର ୧୭ବର୍ଷ ବୟସରେ ତାଙ୍କୁ ଏକ ବଡ଼ ବ୍ରେକ୍ ମିଳିଥିଲା କନ୍ନଡ଼ ଇଣ୍ଡଷ୍ଟ୍ରିରେ। ଫିଲ୍ମର ଶୀର୍ଷକ ଥିଲା 'ମହାକବି କାଳିଦାସ'। ଏହା ୧୯୫୫ ମସିହା କଥା। ୧୯୫୯ରେ ସେ ତେଲୁଗୁ ଫିଲ୍ମ 'ପଣ୍ଡୁରଙ୍ଗା ମହାତ୍ମ୍ୟମ୍' ଫିଲ୍ମରେ ନିଜର ଡେବ୍ୟୁ କରିଥିଲେ। ୧୯୭୦ ପର୍ଯ୍ୟନ୍ତ ସେ ତାଙ୍କର ଏହି ସଫଳତାର ଯାତ୍ରାକୁ ବଜାୟ ରଖିବାରେ ସହାୟକ ହୋଇଥିଲେ। ତାମିଲ୍ ମୁଭି 'ନାଡୋଡ଼ି ମନାନ୍' କରିବା ପରେ ତାଙ୍କ ପଛରେ ସଫଳ ନାୟିକାର ଟ୍ୟାଗ୍ ଯୋଡ଼ି ହୋଇ ଯାଇଥିଲା। ତାମିଲ୍ ଇଣ୍ଡଷ୍ଟ୍ରିରେ ତାଙ୍କର ସବୁଠୁ ବେଶି ଚାହିଦା ରହିଥିଲା। ୧୯୫୯ରେ ହିନ୍ଦୀ ଚିତ୍ର ଜଗତକୁ ପ୍ରବେଶ କରିଥିଲେ। 'ପୈଗାମ୍' ଥିଲା ତାଙ୍କର ପ୍ରଥମ ହିନ୍ଦୀ ଫିଲ୍ମ। ୧୬୧ଟି ଫିଲ୍ମରେ ସେ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ୧୯୫୫ରୁ ୧୯୮୪ ସମୟ କାଳକୁ ସରୋଜା ଦେବୀଙ୍କ ସମୟ ବୋଲି କୁହାଯାଇଥାଏ। ସେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ, ପଦ୍ମ ଭୂଷଣ ପ୍ରଭୃତି ସମ୍ମାନରେ ସମ୍ମାନିତ ହୋଇଥିଲେ। ସେହିଭଳି ବାଙ୍ଗାଲୋର ୟୁନିଭର୍ସିଟି ପକ୍ଷରୁ ତାଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା।



**ପ୍ରାଥମିକ ଜୀବନ :** ୧୯୩୮ ଜାନୁଆରୀ ୭ ତାରିଖରେ ବାଙ୍ଗାଲୋରରେ ଜନ୍ମ ହୋଇଥିଲେ ସରୋଜାଦେବୀ। ତାଙ୍କ ବାପାଙ୍କ ନାମ ଭୈରାପ୍ପା। ସେ ଜଣେ ପୋଲିସ୍ ଅଧିକାରୀ ଥିଲେ। ମା'ଙ୍କ ନାମ ରୁଦ୍ରାମ୍ମା। ରୁଦ୍ରାମ୍ମା ଥିଲେ ଜଣେ ସୁଗୃହିଣୀ। ସରୋଜାଦେବୀ ଥିଲେ ତାଙ୍କ ପରିବାରର ଚତୁର୍ଥ କନ୍ୟା ସନ୍ତାନ। ସେଥିଲାଗି ତାଙ୍କ ଜେଜେବାପା ମୟାନ୍ନା ଗୌଡ଼ା ଚାହୁଁଥିଲେ ଯେ ତାଙ୍କୁ ଅନ୍ୟ କାହାକୁ ପୋଷ୍ୟକନ୍ୟା ଭାବରେ ପ୍ରଦାନ କରିଦେବା ପାଇଁ। ମାତ୍ର ସେକଥା ହେବାକୁ ଦେଇ ନ ଥିଲେ ତାଙ୍କ ବାପା ଭୈରାପ୍ପା। ସେ ପିଲା ଥିବା ବେଳେ ବାପା ଭୈରାପ୍ପା ତାଙ୍କୁ ନୃତ୍ୟ ତଥା ସଂଗୀତ ଶିଖିବା ପାଇଁ ଉତ୍ସାହିତ କରିଥିଲେ। ଖାଲି ଉତ୍ସାହିତ କରି ନ ଥିଲେ ; ଅଧିକନ୍ତୁ ତାଙ୍କୁ ବିଭିନ୍ନ ଉସ୍ତାଦଙ୍କ ନିକଟକୁ ନେବା ଆଣିବା ମଧ୍ୟ କରୁଥିଲେ। ତେବେ ତାଙ୍କ ମା' ଖୁବ୍ ଷ୍ଟ୍ରିକ୍ଟ ଥିଲେ। ସେ ତାଙ୍କର ପରିଧାନ ଉପରେ ବିଶେଷ ଗୁରୁତ୍ୱ ଦେଉଥିଲେ। ସ୍ୱିମ୍‌ସୁଟ୍ କିମ୍ବା ସ୍ଲିଭ୍‌ଲେସ୍ ବ୍ଲାଉଜ୍ ପିନ୍ଧିବା ପାଇଁ ତାଙ୍କୁ ବାରଣ କରିଥିଲେ। ସରୋଜା ମା'ଙ୍କର କଥାକୁ ସମ୍ମାନ ଜଣେଇ ଆଜି ଯାଏ ନା ସ୍ୱିମ୍‌ସୁଟ୍ ପିନ୍ଧିଛନ୍ତି ନା' ସ୍ଲିଭ୍‌ଲେସ୍ ବ୍ଲାଉଜ୍ ପରିଧାନ କରିଛନ୍ତି। ସେ ୧୩ବର୍ଷର ହୋଇଥିବା ବେଳେ ଏକ ସଭାରେ ସଂଗୀତ ପରିବେଷଣ କରୁଥିଲେ। ସେଠାରେ ତାଙ୍କର ପ୍ରତିଭାକୁ ପ୍ରଥମ କରି ଠାବ କରିଥିଲେ ବି.ଆର.କ୍ରିଷ୍ଣମୂର୍ତ୍ତି। ସେ ତାଙ୍କୁ ଫିଲ୍ମରେ ଅଫର ଦେଇଥିଲେ। ହେଲେ ବୟସରେ କମ୍ ହୋଇଥିବାରୁ ସେ ସେହି ଫିଲ୍ମ ଅଫରକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ।



**ମୁଭି କ୍ୟାରିୟର :** ସରୋଜା ଦେବୀଙ୍କ ମୁଭି କ୍ୟାରିୟର ଆରମ୍ଭ ହୋଇଥିଲା ୧୯୫୫ ମସିହାରେ। ପ୍ରଥମ ଫିଲ୍ମ ଥିଲା 'ମହାକବି କାଳିଦାସ'। ଏଥିରେ ସେ ସହଅଭିନେତ୍ରୀ ଭାବରେ ଅଭିନୟ କରିଥିଲେ। ୧୯୫୮ରେ ସେ ପ୍ରଥମେ ମୁଖ୍ୟ ଅଭିନେତ୍ରୀ ଭାବରେ ପରଦାକୁ ଆସିଲେ। ଏହାପରେ ତାଙ୍କ ହାତକୁ ଆସିଲା ହିନ୍ଦୀ ଫିଲ୍ମ 'ପୈଗାମ୍'। ଏଥିରେ ତାଙ୍କର ସହକଳାକାର ଥିଲେ ଦିଲୀପ କୁମାର। 'ପୈଗାମ' ମୁକ୍ତିଲାଭ କରିବା ପରେ ସରୋଜା ଦେବୀଙ୍କ ନାମ ପାଖରୁ ଆଞ୍ଚଳିକ ଅଭିନେତ୍ରୀର ଟ୍ୟାଗ୍ ହଟିଗଲା। ସେ ପାଲଟିଗଲେ ଜଣେ ସର୍ବଭାରତୀୟ ଅଭିନେତ୍ରୀ। ଏହା ପରେ ପରେ ରାଜେନ୍ଦ୍ର କୁମାରଙ୍କ ସହିତ 'ଶଶୁରାଲ', ସୁନୀଲ ଦତ୍ତଙ୍କ ସହ 'ବେଟି ବେଟେ', ଶମ୍ମି କପୁରଙ୍କ ସହିତ 'ପ୍ୟାର କିୟା ତୋ ଡରନା କ୍ୟା' ଆଦି ଫିଲ୍ମରେ ଅଭିନୟ କରି ସେ ଭାରତୀୟ ସିନେମାରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଥିଲେ। ରାଜ କପୁର ତାଙ୍କୁ 'ନଜରାନା' ଫିଲ୍ମ ପାଇଁ ଚୁକ୍ତି କରିଥିଲେ। ଫିଲ୍ମର କିଛି ସିନ୍ ମଧ୍ୟ ସୁଟ୍ ହୋଇଥିଲା। ତେବେ ନିର୍ଦ୍ଦେଶକ ସି.ଭି.ଶ୍ରୀଧରଙ୍କ ସହିତ ମନୋମାଳିନ୍ୟ କାରଣରୁ ସେ 'ନଜରାନା'ରୁ ଓହରି ଯାଇଥିଲେ। ତାଙ୍କ ସ୍ଥାନରେ ବୈଜୟନ୍ତିମାଳାଙ୍କୁ ନିଆ ଯାଇଥିଲା।

**ପାରିବାରିକ ଜୀବନ :** ଜଣେ ସଫଳ ଅଭିନେତ୍ରୀ ହୋଇଥିଲେ ମଧ୍ୟ ପ୍ରେମ ବିବାହକୁ ପସନ୍ଦ କରି ନ ଥିଲେ ସରୋଜା ଦେବୀ। ସେ ଇଞ୍ଜିନିୟର ଶ୍ରୀହର୍ଷଙ୍କୁ ବିବାହ କରିଥିଲେ। ଶ୍ରୀହର୍ଷ ଜଣେ ଉତ୍ତମ ସ୍ୱାମୀ ଥିଲେ। ସରୋଜାଦେବୀ ଯେତେବେଳେ ଗଭୀର ଆର୍ଥିକ ସଙ୍କଟ ମଧ୍ୟ ଦେଇ ଗତି କରୁଥିଲେ ଆଉ ଆୟକର ବିଭାଗ ତାଙ୍କ ପଛରେ ପଡ଼ି ଯାଇଥିଲା ସେତେବେଳେ ଶ୍ରୀହର୍ଷ ହିଁ ତାଙ୍କୁ ସେହି ସଙ୍କଟରୁ ବାହାରକୁ ଆଣିଥିଲେ। ଖାଲି ସେତିକି ନୁହେଁ ସେ କିପରି ସଫଳତାର ସହିତ ଆର୍ଥିକ ପରିଚାଳନା କରିପାରିବେ ତାହା ମଧ୍ୟ ତାଙ୍କୁ ଶିଖାଇଥିଲେ। ସମସ୍ତେ ଭାବିଥିଲେ ବିବାହ ପରେ ସରୋଜାଦେବୀଙ୍କ ଫିଲ୍ମ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପଡ଼ିଯିବ। ମାତ୍ର ଶ୍ରୀହର୍ଷ ହିଁ ତାଙ୍କୁ ଫିଲ୍ମ କ୍ୟାରିୟର ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ତାଙ୍କର ବୈବାହିକ ଜୀବନ ବେଶ୍ ସଫଳ ରହିଥିଲା। ସରୋଜାଦେବୀ ଦୁଇଝିଅ ଓ ଗୋଟିଏ ପୁତ୍ର ସନ୍ତାନର ଜନନୀ ହୋଇଥିଲେ।









# ପ୍ରତ୍ୟାବର୍ତ୍ତନ

–ମନୋରମା ହାତୀ

ସେଦିନ ମା'କୁ ମୁଁ ସାଙ୍ଗଘରକୁ ଯାଉଛି, ଅଧଘଣ୍ଟା ଭିତରେ ଫେରି ଆସିବି କହି ଚାଲି ଆସିଥିଲି ରେଲୱେ ଷ୍ଟେଶନ। ଷ୍ଟେଶନ ପାଖରେ ଫିରାଦ ମୋତେ ଆଗରୁ ଅପେକ୍ଷା କରି ରହିଥିଲା। ଆମେ ଦୁହେଁ ପରସ୍ପରକୁ ଭଲପାଉଥିଲୁ। ଆମ ଭଲପାଇବାକୁ ଘରଲୋକ ଆଦୌ ସ୍ୱୀକୃତି ଦେବେ ନାହିଁ ଜାଣିଥିଲୁ। କାରଣ ଫିରାଦ ଥିଲା ମୁସଲମାନ ଆଉ ମୁଁ ହିନ୍ଦୁ। ସେଥିପାଇଁ ଆମେ ନିଷ୍ପତ୍ତି ନେଇଥିଲୁ ଘରୁ ବାହାରି ଯାଇ ଅଲଗା କେଉଁଠି ନୂଆ ଏକ ପୃଥିବୀ ତିଆରି କରିବୁ ଆମର।

ମୋତେ ଦେଖି ଫିରାଦ ମୁହଁରେ ଖୁସିର ଝଲକଟିଏ ଖେଳିଗଲା। ସତରେ! ତମେ ଆସିଲ! ମୁଁ ତ ଭାବିଥିଲି ତମେ ଆସିବନି ବୋଧେ!

–ତମ ପାଇଁ ତ ମୁଁ ସାରା ଦୁନିଆ ଛାଡ଼ିବା ପାଇଁ ପ୍ରସ୍ତୁତ କହି ଟ୍ରେନ୍‌ରେ ଚଢିଗଲି। ସେ ବି।

ଦୁହେଁ ଯେଉଁଠି ବସିଥିଲୁ ସାମନାରେ ଜଣେ ଝିଅ ବସିଥିଲା। ସେ ଖୁବ୍ ଉଦାସ ଦେଖା ଯାଉଥିଲା। ଫୋନରେ କାହା ସହ ଧୀର ସ୍ୱରରେ କଥା ହେଉଥିଲା। ତଥାପି ତା କଥା ଭଲରେ ଶୁଣାଯାଉଥିଲା। କହୁଥିଲା–ଯେତେ ଯାହା କଲେବି ଡକ୍ଟର କହିଲେ–ଏବେ ଆଉ କିଛି ବି ଲାଭ ହେବନି। ଏବେ ଶେଷ ମୁହୂର୍ତ୍ତ। ମୋ ବାପାଙ୍କର ବାକି ରହିଯାଇଥିବା ଇଚ୍ଛା ଆଉ ସ୍ୱପ୍ନକୁ ତମେ ପୂରା କରିବ ମୋର ବିଶ୍ୱାସ। ମୋ ଭଲପାଇବା ମୋ ମୃତ୍ୟୁ ପରେ ବି ତମ ହୃଦୟରେ ଏମିତି ଚିରଦିନ ସାଇତି ରଖିଥିବ। ସାଇତି ରଖିବ ନା!

ସେପଟୁ କ'ଣ ଉତ୍ତର ଆସିଲା କେଜାଣି ଝିଅଟି କାନ୍ଦି କାନ୍ଦି ଫୋନ୍ କାଟି ଦେଲା। ଆଖିରେ ଅସୁମାରି ଲୁହ।

ମୁଁ ଆଉ ସମ୍ଭାଳି ନ ପାରି ପଚାରି ଦେଲି –କ'ଣ ହେଇଛି ତମର ?

ସେ ଏଥର ଲୁହ ପୋଛି କହିଲା– ମୋତେ କ୍ୟାନସର, ଲାଷ୍ଟ ଷ୍ଟେଜ୍ ଏବେ। ଅତିବେଶିରେ ଆଉ ମାସେ ରହିପାରିବି ବୋଧେ! ମୋତେ ମୃତ୍ୟୁ ପାଇଁ କୌଣସି ଦୁଃଖ ନାହିଁ। ଖାଲି ବାପାଙ୍କର ସ୍ୱପ୍ନ ଯାହା ପୂରା କରି ପାରିବିନି। ଏତିକି ଅବସୋସ। ବାପାମା କେତେ ଆଶା ନେଇ ମୋତେ ନିଜ ପାଦରେ ଠିଆ କରେଇଥିଲେ। ହେଲେ ଦେଖ, ନିଜକୁ ନିଜେ ଠିଆ ହେବା ବେଳକୁ ଏ ଦଗାବାଜ ମୃତ୍ୟୁଟା ମୋତେ ବଞ୍ଚିବାରୁ ବଞ୍ଚିତ କରୁଛି। ଏ ଦୁନିଆରେ ସବୁଠାରୁ ବଡ଼ ଖୁସି କ'ଣ ଜାଣିଛ, ବାପାମାଙ୍କର ସ୍ୱପ୍ନକୁ ସାକାର କରିବାର ମୁହୂର୍ତ୍ତ ଟିକକ। ଯୋଉଟା ମୋ ଭାଗ୍ୟରେ ଲେଖା ନାହିଁ। ହେଲେ ରିତମ୍ କହିଛନ୍ତି ସେ ମୋର ସବୁ ସ୍ୱପ୍ନକୁ ଗୋଟି ଗୋଟି ପୂରା କରିବେ। ସେ ମୋତେ ବହୁତ ଭଲପାଆନ୍ତି। ଏମିତି କି ମୁଁ ଆଉ କିଛି ଦିନ ପାଇଁ ଜାଣିବା ପରେ ବି ସେ ମୋତେ ବିବାହ କରିବାକୁ ପ୍ରସ୍ତୁତ ଅଛନ୍ତି। ଆମ ମ୍ୟାରେଜ କାର୍ଡ ବି ବଣ୍ଟା ସରିଲାଣି।

ଗୋଟିଏ କାର୍ଡ ନିଜ ଭ୍ୟାନିଟ୍‌ରୁ ବାହାର କରି ବଢେଇଦେଲା। ନିଅ ତମେ ବି ଆସିବ। ଏ ବିରଳ ବିବାହକୁ।

ଏସବୁ ଶୁଣି ଖୁବ୍ ଅପମାନିତବୋଧ ଲାଗିଲା ମୁଁ ନେଇଥିବା ଭୁଲ୍ ନିଷ୍ପତ୍ତି ବିଷୟରେ ଭାବି। ସେ ଝିଅ ତା ବାପା ମା'ଙ୍କର ସବୁ ସ୍ୱପ୍ନ ପୂରା କରିବାକୁ ଚାହୁଁଛି ହେଲେ ସମୟ ନାହିଁ ତା ପାଖେ, ଆଉ ମୁଁ? ମୋ ବାପା ମା'ଙ୍କର ସବୁ ସ୍ୱପ୍ନକୁ ଆଡେଇ ଚାଲି ଆସିଲି କେଇଟା ଦିନର ଭଲପାଇବା ପାଇଁ।

ଏଥର ଷ୍ଟପେଜ୍ ପାଖରେ ଓହ୍ଲେଇବା ପରେ ମୁଁ ଫିରାଦକୁ କହିଲି–ମୁଁ ଘରକୁ ଫେରିଯିବି ଆର ଟ୍ରେନରେ। ବାପାମା ବହୁତ ବ୍ୟସ୍ତ ହେଉଥିବେ। ବାପା ମା'ଙ୍କର ଅନେକ ସ୍ୱପ୍ନ ଅଛି। ଯାହା ମୋତେ ପୂରା କରିବାର ଅଛି। ଅନେକ ମୁହୂର୍ତ୍ତ ବି ସେମାନଙ୍କ ସାଥେ ଜିଇଁବାର ଅଛି। ତମେ ଯଦି ମୋତେ ସତରେ ଭଲପାଉଥାଅ ତା'ହେଲେ ନିଜେ ଯାଇ ଆମ ଭଲପାଇବା ବିଷୟରେ ଘରେ କହିବ। ମୁଁ ବି ବୁଝେଇବାକୁ ଚେଷ୍ଟା କରିବି। ଯଦି ବୁଝିଗଲେ ମ୍ୟାରେଜ କରିବା ନ ହେଲେ ତମ ରାସ୍ତା ମୋ ରାସ୍ତା ଅଲଗା। ଏବେ ଅନୁଭବ କଲି ବାପାମା'ଙ୍କ ଖୁସି ଆଗରେ ଦୁନିଆର ସବୁ ଖୁସି ମୂଲ୍ୟହୀନ।

ଫିରାଦ ବି କୋଉଠି ନା କୋଉଠି ମୋ କଥାକୁ ଅନୁଭବ କରି ସାରିଥିଲା। କହିଲା–ହଁ, ତମେ ଠିକ୍ କହିଛ। ଚାଲ, ଆମେ ଫେରିଯିବା।

–କନ୍ହେଇପୁର, କଟକ

## ତୋ ପାଇଁ..!

–ଶବନମ ଆଦେନୀ

ତୋ ମନ ମୋ ହୃଦୟ
ତୋ ଆଖି ମୋ ସପନ
ତୋ ବିନା ମୂଲ୍ୟହୀନ
ମୋର ଏ ଜୀବନ।।
କହ କେମିତି ଜଣାଇବି
ତୋ ପ୍ରତି ପ୍ରେମ ମୋର ?
ସୀମା ହୀନ ପ୍ରେମ
ମୋର ତ,ତୋ ପାଇଁ
କିନ୍ତୁ,ତୋ ହୃଦୟ ତ
ଝୁରେ ଆଉ କାହା ପାଇଁ।
ତୋ ପ୍ରତାରଣା,ତୋ ଭର୍ତ୍ସନା
ସବୁକିଛି ପ୍ରେମ ମୋ ପାଇଁ
ତୁ ଘଡ଼ିଏ ଚାହିଁ ଦେବୁ ବୋଲି
ମୋର ଅପେକ୍ଷା
ସେ ଘଡ଼ିକ ପାଇଁ।
ତୁ ଭଲ ପା'ଆ କି ନ ପା'ଆ
ରହିବ ମୋ ହୃଦୟେ
ତୋ'ରି ନାଁ ଚିରଦିନ ପାଇଁ।

–ଦିଲ୍ଲୀ

## କ୍ଷତାକ୍ତ

– ନିରୁପମା ବେହେରା (ଜୁଲି)

ହଁ, ମୁହଁମୋଡ଼ିପାର
ଆଉ କ'ଣ ଅଛି ଯେ ଭୋଗିବାକୁ ?
ମୁଁ ଏବେ ଚୂନାଚୂନା ତାରା
କାଚର ଟୁକୁଡ଼ା
କ୍ଷତାକ୍ତ କରିପାରେ ପାପୁଲି
ଚରିପାରେ ବିଷ ପରି ଦେହଯାକ।

ଯାଅ ନିଘୋଡ଼ ନିଦ ନିଅ
ଏବେ ଭୋଗିବା ପାଳି ତ
ଏକାନ୍ତ ମୋର
ଭୋଗିବାର ଅଛି।
ଅନେକ ବିନିଦ୍ର ରଜନୀ
ମେଞ୍ଚେ ବତୁରା ସକାଳ
ଭୋଗିବାର ଅଛି।
ଓଦା ଓଦା ମୁହଁସଞ୍ଜ
ଅସହ୍ୟ ତାତିର ଖରାବେଳ
ଭୋଗିବି ତୁମ ସ୍ଥିତିରେ ଅସ୍ଥିତି
ଆଉ ଅନୁପସ୍ଥିତିରେ
ଆକାଶ ଭର୍ତ୍ତି ପ୍ରେମ।

–ଏଲ.ଆଇ.ସି. କ୍ୱାର୍ଟର, କଟକ



## ଦିଗହରା ବିହଙ୍ଗ

ଯାଜ୍ଞସେନୀ ସାହୁ

ମୁଁ ଯେ ଦିଗହରା ଏକ ବିହଙ୍ଗ
ଦୁନିଆ ଦୁଆରେ ନିଃସଙ୍ଗ
ଡାଳରୁ ଡାଳକୁ ଉଡ଼ିବୁଲେ ଆଜି
ମିଳିବ କି କାଳେ ସାଙ୍ଗ।
ଜୀବନ ଜଞ୍ଜାଳେ କେତେ ପଥ ଚାଲି
ସବୁ ତ ଯାଇଛି ହୁଡ଼ି
ଚାରିକରେ ମୋର କୁହୁଡ଼ିର ଜାଲ
ମଝିରେ ମୁଁ ଅଛି ପଡ଼ି।
ସୂରୁଜ କି ଆଜି ଉଇଁବନି ସତେ
ଅବଶ ହେବ କି ଅଙ୍ଗ
ଡାଳରୁ ଡାଳକୁ ଉଡ଼ିବୁଲେ ଆଜି
ମିଳିବ କି କାଳେ ସାଙ୍ଗ।
ଏକା ଏକା ଉଡ଼ି ବସା ବାନ୍ଧିବି ମୁଁ
ଦୂର ଦିଗବଳୟ ତଳେ
ମୁରୁକି ମୁରୁକି ଚାନ୍ଦ ହସୁଥିବ
ନୀଳ ଆକାଶର କୋଳେ।
ଜୀବନ ଆକାଶେ ଦେଖାଦେବ କିବା
ସପନର ସାତରଙ୍ଗ
ଡାଳରୁ ଡାଳକୁ ଉଡ଼ିବୁଲେ ଆଜି
ମିଳିବ କି କାଳେ ସାଙ୍ଗ।

–ସେମିଳିଗୁଡ଼ା, କୋରାପୁଟ

# ଆମ୍ମାଜୀ ଆସୁଛନ୍ତି

ଅଭିନେତା ଶ୍ରୀତମ ଦାସ ପୂର୍ବରୁ ଅନେକ ଫିଲ୍ମର ନାୟକ ସାଜିସାରିଛନ୍ତି। ଏପରି କି ‘ତୁ ଥା ମୁଁ ଯାଉଛି ରୁଷି’ରୁ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିସାରିଛନ୍ତି। ଏବେ ଓଲିଉଡ୍‌ରେ ତାଙ୍କୁ ନେଇ ଚର୍ଚ୍ଚା। କାରଣ କ’ଣ ଜାଣନ୍ତି ? ଖୁବ୍ ଶୀଘ୍ର ସେ ଏକ ଭିନ୍ନ ଗେଟ୍‌ଅପ୍‌ରେ ଦର୍ଶକଙ୍କ ସାମନାକୁ ଆସିବେ। ଆଉ ତାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ଶ୍ରୀତମ। ଭୂମିକାଟି ହେଲା ‘ଆମ୍ମାଜୀ’। କଥା କ’ଣ କି ନିର୍ମାଣାଧୀନ ଓଡ଼ିଆ ସିନେମା ‘କିଏ ହେବ ମୋ ହିରୋଇନ୍’ରେ ତାଙ୍କୁ ମିଳିଛି ଏପରି ଏକ ମନଲାଖି ରୋଲ୍। ଏ ସମ୍ପର୍କରେ ଶ୍ରୀତମ କହନ୍ତି, ‘ଆମ୍ମାଜୀ ହେଲା ଜଣେ କିନ୍ନର। ଏକ ବସ୍ତି ଏରିଆର ସେ ନେତ୍ରୀ। ଜଣେ ଅନାଥ ପିଲାକୁ ଲାଳନପାଳନ କରି ସେ ବଡ଼ କରିଛି। ହେଲେ ସମୟକ୍ରମେ ସେହି ବସ୍ତିକୁ ଭାଙ୍ଗିବାକୁ ଯୋଜନା ହୋଇଛି। ବାସ୍, ସେହି ସମୟରେ ଆମ୍ମାଜୀ ନିଜ ରୂପ ଦେଖାଇଛି। ମୋଟ କଥା ହେଲା, କିନ୍ନରମାନଙ୍କୁ ଅନେକେ ଭିନ୍ନ ଦୃଷ୍ଟିରେ ଦେଖନ୍ତି। ହେଲେ ଏହି ସମାଜରେ କିନ୍ନରମାନଙ୍କର କେତେ ମହତ୍ତ୍ୱ ରହିଛି ତାହା ଦର୍ଶକ ଦେଖିବାକୁ ପାଇବେ। ଆଉ ଏକ କଥା, ଏହି ସିନେମାରେ ଏପରି ମସଲା ରହିଛି ଯାହା ଦର୍ଶକଙ୍କୁ ପୁଣି ଥରେ ପ୍ରେକ୍ଷାଳୟ ଆଡକୁ ଟାଣିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଏପରି ଏକ ଭୂମିକାରେ ଅଭିନୟ କରିବା ମୋ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ଅନ୍ୟପକ୍ଷରେ ମେକଅପ ପାଇଁ ମୋତେ ପାଖାପାଖି ଅଢ଼େଇ ଘଣ୍ଟା ଦେବାକୁ ପଡୁଥିଲା।’ ଏକ୍ସସେଲ ମୁଭିଜ ବ୍ୟାନରରେ ଏହା ହେଉଛି ରବୀନ୍ଦ୍ର ପଣ୍ଡାଙ୍କ ପ୍ରଯୋଜିତ ଅଷ୍ଟମ ଚଳଚ୍ଚିତ୍ର। ବିଜୟଲକ୍ଷ୍ମୀ ପଣ୍ଡାଙ୍କ କାହାଣୀକୁ ଆଧାର କରି ଆଗଧାଡ଼ିର ସଂଳାପକାର ଡ. ରଜନୀ ସଂଳାପ ରଚନା କରିଥିବା ବେଳେ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଅଗ୍ନିରାଜ କିଶୋର। ପ୍ରଶାନ୍ତ ଲେଙ୍କା ନିର୍ଦ୍ଦେଶନା ଦେଇଥିବା ବେଳେ କୋରିଓଗ୍ରାଫି କରିଛନ୍ତି ଲୁବୁନ୍-ଟୁବୁନ୍। ଶ୍ରୀତମଙ୍କ ବ୍ୟତୀତ ଅସିତ, ମହିମା, କେକେ, ପୁନମ, ମନୀଷା ଏବଂ ରଫି ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟି ଚଳିତବର୍ଷ ଏପ୍ରିଲରେ ରିଲିଜ ହେବାର ଯୋଜନା ରହିଛି ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ ରବୀନ୍ଦ୍ର।


ଶ୍ରୀତମ


ହ୍ରିତିକ-ଅମିଷା

# ପ୍ରଥମେ ଶାହରୁଖ, ପରେ ହ୍ରିତିକ

ଥରେ ମନେ ପକାନ୍ତୁ ନା ରାକେଶ ରୋଶନଙ୍କ ସେହି ସୁପରହିଟ୍ ଫିଲ୍ମ ‘କହୋ ନା ପ୍ୟାର୍ ହୈ’କୁ। ଆଜିଠାରୁ ଠିକ୍ ୨୦ବର୍ଷ ପୂର୍ବେ ଫିଲ୍ମଟି ରିଲିଜ ହୋଇଥିଲା। ଏଥିରୁ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ହ୍ରିତିକ। ପୁଣି ଆରମ୍ଭରୁ ଡବଲ ରୋଲ୍ (ରୋହିତ, ରାଜ୍)। ହେଲେ ଫିଲ୍ମର ପ୍ରାରମ୍ଭିକ କାମ ଚାଲିଥିବା ବେଳେ ଏହାର ମେଲ୍ ଲିଡ୍‌ରେ କିଏ ଅଭିନୟ କରିବେ ସେ ନେଇ ରାକେଶ ରୋଶନ ମାଇଣ୍ଡ ମେକଅପ ମଧ୍ୟ କରିସାରିଥିଲେ। ଆଉ ସେହି ଅଭିନେତା ଜଣକ ଥିଲେ ଶାହରୁଖ ଖାଁ। ହେଲେ କୌଣସି କାରଣରୁ ଶାହରୁଖ ରାଜି ହୋଇ ନ ଥିଲେ। ବାସ୍, ତା’ପରେ ପୁଅ ହ୍ରିତିକଙ୍କୁ ଏଥିରେ ବିଗ୍ ବ୍ରେକ୍ ଦେଇଥିଲେ ରାକେଶ। ତା’ପରେ ଯାହା ଘଟିଥିଲା ତାହା କହିବା ବାହୁଲ୍ୟ। ଏହାର ନାୟିକା ଅମିଷା ପଟେଲଙ୍କ ମା’ ଭୂମିକାରେ ଅମିଷାଙ୍କ ନିଜ ମା’ ଆଶା ପଟେଲ ଅଭିନୟ କରିଥିଲେ। ୨୦୦୦ରେ ଶାହରୁଖଙ୍କ ‘ମୋହବତେଁ’ ଏବଂ ସଲମାନ ଅଭିନୀତ ‘ହର୍ ଦିଲ୍ ଜୋ ପ୍ୟାର୍ କରେଗା’ ରିଲିଜ ହୋଇ ସୁପରହିଟ୍ ହୋଇଥିଲା। ହେଲେ ସେହି ବର୍ଷର ସବୁଠାରୁ ଅଧିକ ଆୟକାରୀ ଫିଲ୍ମର ମାନ୍ୟତା ‘କହୋ ନା ପ୍ୟାର୍ ହୈ’କୁ ମିଳିଥିଲା।

# ବ୍ୟସ୍ତ ଅଛନ୍ତି ସଲମାନ

ସଲମାନ ଖାଁ କେତେ ବ୍ୟସ୍ତ ତାହା କହିବା ବାହୁଲ୍ୟ। କାରଣ ତାଙ୍କ ହାତରେ ବ୍ୟାକ୍ ଟୁ ବ୍ୟାକ୍ ଫିଲ୍ମ ରହିଛି। ତେଣୁ ତାକୁ ନେଇ ସେ ବ୍ୟସ୍ତ ରହିବା ସ୍ୱାଭାବିକ। ଏବେ ସଲମାନଙ୍କ ହାତରେ ଦୁଇଟି ଫିଲ୍ମ- ‘କଭି ଇଦ୍ କଭି ଦିୱାଲି’ ଏବଂ ‘କିକ୍-୨’। ଅନ୍ୟପକ୍ଷରେ ପ୍ରଭୁଦେବାଙ୍କ ନିର୍ଦ୍ଦେଶନାରେ ‘ରାଧେ : ୟୋର୍ ମୋଷ୍ଟ ୱାଣ୍ଟେଡ୍ ଭାଇ’ର ଶୁଟିଂ ଚାଲୁ ରହିଛି। ଏଥିରେ ତାଙ୍କ ସହ ଦିଶା ପଟାନି, ଜ୍ୟାକି ଶ୍ରଫ, ରଣଦୀପ ହୁଦାଙ୍କୁ କାଷ୍ଟିଂରେ ଦେଖିବାକୁ ମିଳିବ। ‘କଭି ଇଦ୍ କଭି ଦିୱାଲି’ ଆସନ୍ତାବର୍ଷ ଇଦ୍‌ରେ ରିଲିଜ ହେବ। ଏହାବ୍ୟତୀତ ‘କିକ୍-୨’ର ଶୁଟିଂ ଚଳିତ ବର୍ଷ ଶେଷରେ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ଏହାର ପ୍ରଯୋଜକ ସାଜିଦ ନାଦିୱାଦୱାଲା। ଏଥିରେ ନିଜ ଭୂମିକାଟି କିପରି ଦମଦାର ହେବ ସେ ନେଇ ସଲମାନ ଏବେଠାରୁ ସ୍କ୍ରିପ୍ଟିଂ ସହ ଜଡିତ ଅଛନ୍ତି। ଏ ସମ୍ପର୍କରେ ସଲମାନ କହନ୍ତି, ‘ଏଣିକି ମୁଁ ଅଭିନୟ କରୁଥିବା ସିନେମାଗୁଡ଼ିକ ପ୍ରତି ଅଧିକ ସଚେତନ ହେବି। ସାଜିଦଙ୍କ ସହ ମୋର ଦୀର୍ଘ ୬ବର୍ଷର ସମ୍ପର୍କ। ସେ ଯେତେବେଳେ ମୋତେ ‘କଭି ଇଦ୍ କଭି ଦିୱାଲି’ ପାଇଁ ଅଫର ଦେଲେ ମନା କରିପାରି ନ ଥିଲି। ଏଥିରେ ଦର୍ଶକ ମୋତେ ଏକ ନୂଆ ଅବତାରରେ ଦେଖିବାକୁ ପାଇବେ। ଆଶା ରଖିଛି ଫିଲ୍ମଟି ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ।’ ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ଫରହଦ ସାମଜୀ।



# ଅଡୁଆ କରୁଛି କିସ୍

ଦିଶା ପଟାନି ଏବେ ଟେନସନରେ। କାରଣ ଯେଉଁ କେତୋଟି ଅଫର ମିଳୁଛି ସେଥିରେ ଲିପ୍-ଲକ୍ ସିନ୍ ରହୁଛି। ଆଉ ଏକଥା ଶୁଣିବା ପରେ ଦିଶା ପ୍ରଥମେ କି ନିଷ୍ପତ୍ତି ନେବେ ଜାଣିପାରି ନ ଥିଲେ। କିଛି ଦିନ ଚିନ୍ତା କରିବା ପରେ ସେ ଏପରି ଅଫରକୁ ରେଡ୍ ସିଗନାଲ ଦେଖାଇଛନ୍ତି। ଏ ନେଇ ଦିଶା କହନ୍ତି, ‘ଅଯଥାରେ କିସ୍ ଶଟ୍ ଦେଇ ମୁଁ ଶସ୍ତା ଲୋକପ୍ରିୟତା ଅର୍ଜନ କରିବାକୁ ଆସିନାହିଁ। ମୋ ଭୂମିକାକୁ ମୁଁ ସବୁବେଳେ ଗୁରୁତ୍ୱ ଦେଇଥାଏ। କାହାଣୀ ଅନୁସାରେ ଯଦି କିଛି ଇଣ୍ଟିମେଣ୍ଟ ସିନ୍ ରହିଲା ତାକୁ ନେଇ ମୁଁ ଚିନ୍ତା କରିପାରେ। ହେଲେ କାହାଣୀ ସହ ଆଦୌ କିଛି ସଂଯୋଗ ନ ଥିବା ବୋଲ୍ଡ ଶଟ୍ ଦେବାକୁ ମୁଁ କେବେ ରାଜି ହେବି ନାହିଁ। ନିକଟରେ ଲିପ୍-ଲକ୍ ସିନ୍ ପାଇଁ ମୁଁ ଦୁଇଟି ଅଫର ହାତଛଡା କରିଛି। ଏ ନେଇ ମୋର ମନ ଦୁଃଖ ନାହିଁ। କାରଣ ସେପରି ଶଟ୍ ସହ କାହାଣୀର କିଛି ସମ୍ପର୍କ ଥିବା ମୋତେ ଜଣାପଡି ନ ଥିଲା। କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ମୁଁ ଶହେ ଥର ସେ ନେଇ ଚିନ୍ତା କରିବି। ଯଦି ତରତର ହେଲି ତେବେ ତାହାଦ୍ୱାରା ମୋ କ୍ୟାରିୟର ପ୍ରଭାବିତ ହେବ।’ ତେବେ ଦିଶା ନିଜର ଏପରି ମାନସିକତାକୁ କେତେ ଦିନ ବଜାୟ ରଖୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ଦିଶା

# କାରଣ ଖୋଜୁଛନ୍ତି ରାଣୀ

ଏପଟେ ଖୁସି ସେପଟେ ଦୁଃଖ। ଫିଲ୍ମର ସଫଳତାକୁ ନେଇ ସେ ବେଶ୍ ଆଶା ରଖିଥିଲେ। ଇତିମଧ୍ୟରେ ଯାହା ବିଜନେସ ହୋଇଛି ତାହା ମଧ୍ୟ ସନ୍ତୋଷଜନକ। ହେଲେ ରିଲିଜର ପ୍ରଥମ ଦିନ ହିଁ ତାଙ୍କ ମନରେ ବିଷାଦ ଭରି ଯାଇଥିଲା। ଆଉ ଏବେ ତାହାର କାରଣ ଖୋଜୁଛନ୍ତି। ସେ ହେଲେ ରାଣୀ ମୁଖାର୍ଜୀ। ତାଙ୍କ ଅଭିନୀତ ‘ମର୍ଦ୍ଦାନୀ-୨’ ଗତବର୍ଷ ଡିସେମ୍ବର ୧୩ରେ ରିଲିଜ ହୋଇଥିଲା। ହେଲେ ପ୍ରଥମ ଦିନ ହିଁ ଫିଲ୍ମଟି ଅନଲାଇନ୍‌ରେ ଲିକ୍ ହୋଇଯାଇଥିଲା। ଏ ସମ୍ପର୍କରେ ରାଣୀ କହନ୍ତି, ‘ଏପରି କେମିତି ହେଲା ତାହା ମୁଁ ଜାଣିପାରୁନାହିଁ। ହେଲେ ତାହାଦ୍ୱାରା ଫିଲ୍ମଟି ପ୍ରଭାବିତ ହେଲା ନାହିଁ। ଦର୍ଶକ ଫିଲ୍ମଟିକୁ ଗ୍ରହଣ କରିଛନ୍ତି ତାହା ବଡ଼ କଥା। ଏଣିକି ଏପରି ଦମଦାର ପୋଲିସ ଭୂମିକା ଏବଂ ସମାଜଧର୍ମୀ କାହାଣୀକୁ ଆଧାର କରି ନିର୍ମିତ ହେଉଥିବା ସିନେମାରେ ହିଁ ଅଭିନୟ କରିବି।’

# ବରୁଣଙ୍କ ପ୍ରଶଂସାରେ ଶ୍ରଦ୍ଧା

ଶ୍ରଦ୍ଧା କପୁରଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି। ସେ ହେଲେ ବରୁଣ ଧାୱନ। କଥା କ’ଣ କି ‘ମିଷ୍ଟର ଲେଲେ’ରେ ବରୁଣଙ୍କ ଗେଟଅପକୁ ନେଇ ଶ୍ରଦ୍ଧା ବେଶ୍ ଖୁସ୍। ସୋସିଆଲ ମିଡିଆରେ ଏହି ଫଟୋ ଭାଇରାଲ୍ ହେବା ପରେ ତାହାକୁ ଶ୍ରଦ୍ଧା ଲାଇକ୍ କରିବା ସହ କମେଣ୍ଟ ଦେଇଛନ୍ତି। ସେ ଲେଖିଛନ୍ତି ଯେ, ‘ବରୁଣ ତମେ ଏହି ଗେଟଅପରେ ମୋ ଡ୍ୟାଡି (ଶକ୍ତି କପୁର)ଙ୍କ କଛା ପିନ୍ଧିବା ପରି ଦେଖାଯାଉଛ। ମୋର ଆଶା ଅଛି ଏହି ଫିଲ୍ମଟି ତୁମକୁ ନିଶ୍ଚୟ ମାଇଲେଜ ଦେବ।’ ନିର୍ମିତ ହେବାକୁ ଯାଉଥିବା ‘ମିଷ୍ଟର ଲେଲେ’ର ପ୍ରଯୋଜନା କରୁଛନ୍ତି କରନ୍ ଜୋହର। ଏହି ଫିଲ୍ମରେ ସମ୍ପୂର୍ଣ୍ଣ କମେଡି ଫ୍ଲେଭର ରହିବ ବୋଲି ସେ ମଧ୍ୟ ସୂଚନା ଦେଇଛନ୍ତି। ବରୁଣ ଏହାର ମେଲ୍ ଲିଡ୍‌ରେ ଅଭିନୟ କରିବେ। ତାଙ୍କ ସହ ଭୂମି ପେଦନେକର କିମ୍ବା ଜାହ୍ନବୀ କପୁର ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିପାରନ୍ତି। ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିବେ ଶଶାଙ୍କ ଖୈତାନ୍। ତେବେ ବରୁଣଙ୍କୁ ଏହି ଫିଲ୍ମଟି କେତେ ମାଇଲେଜ ଦେଉଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।


ଶ୍ରଦ୍ଧା

# ମନମୋହିନୀର ଚୋରାଚାହାଣି ନିମିଷକେ ନେଲା ମନକୁ କିଣି

**ପ୍ରଶ୍ନ**–ଜଣେ ସୁନ୍ଦରୀର ଚୋରାଚାହାଣି ମୋତେ ଘାଇଲା କରିଛି। ସେ ମୋତେ ପ୍ରେମ କରୁଛି କି ନାହିଁ କେମିତି ଜାଣିବି ?

*–ଅମିତ ଦାସ, ଘସିପୁରା, କେନ୍ଦୁଝର*

**ଉତ୍ତର :** ସେହି ଚୋରା ଚାହାଣିରେ ତା' ମନ କଥା ଲୁଚି ରହିଛି। କେବଳ ମଗଜ ଖଟାଇ ତାକୁ ପଢ଼ି ପାରିଲେ ହେଲା। 'ମନମୋହିନୀର ଚୋରା ଚାହାଣି ନିମିଷକେ ନେଲା ମନକୁ କିଣି'। ତେଣୁ ଯଦି ସେପଟୁ କିଛି ଇସାରା ମିଳୁଛି ଡେରି କରନ୍ତୁ ନାହିଁ। ବେଳକାଳ ଦେଖି ସେହି ସୁନ୍ଦରୀ ମନ ସହ ନିଜ ମନକୁ ଯୋଡ଼ି ଦିଅନ୍ତୁ।

**ପ୍ରଶ୍ନ**–ପ୍ରେମରେ ଧୋକା ପରି ଶବ୍ଦ ରହିଛି କାହିଁକି ?

*–ତନ୍ମୟ ସାହୁ, ପୁରୀ*

**ଉତ୍ତର :** ଯେମିତି ପ୍ରେମ ସେମିତି ଫଳ। ପ୍ରେମର ଅସଲ ଫର୍ମୁଲା ଆପ୍ଲାଏ ନ ଥିଲେ, କିମ୍ବା ଉଭୟଙ୍କ ଭିତରେ ବିଶ୍ୱାସର ବନ୍ଧ ଦୁର୍ବଳ ଥିଲେ ସେପରି ପ୍ରେମ କେବେ ଦୀର୍ଘସ୍ଥାୟୀ ହୋଇ ନ ଥାଏ। ପ୍ରେମରେ ଧୋକା ଖାଇବା କେତେ କଷ୍ଟ, ଯିଏ ଖାଇଛି ସିଏ ଜାଣିଛି। ହେଲେ କ'ଣ ପାଇଁ ଧୋକା ପରି ଭାଇରସ ଆପଣଙ୍କ ପ୍ରେମ ଭିତରକୁ ଏଣ୍ଟ୍ରି କଲା ତାହା ପ୍ରଥମେ ଭଲ ଭାବରେ ତର୍ଜମା କରନ୍ତୁ ନା ! ଯଦି ଆପଣଙ୍କ ପ୍ରେମ ନିର୍ମଳ ତେବେ ତାହାର ଫଳ ମିଠା ହୋଇଥାଏ।

**ପ୍ରଶ୍ନ**–ପ୍ରେମ ପଥର ଯାତ୍ରୀ ହୋଇ ଆଜିକାଲି ଅନେକେ ବିପଥଗାମୀ ହେଉଛନ୍ତି। କାରଣ କ'ଣ ?

*–ବିପ୍ଲବ ରାଉତ, ଯାଜପୁର*

**ଉତ୍ତର :** କଥାରେ ଅଛି 'ଆପଣା ହସ୍ତେ ଜିହ୍ୱା ଛେଦି କେ ତା'ର ଅଛି ପ୍ରତିବାଦୀ'। ଯଦି ଆପଣ ଠିକ୍, ଆପଣଙ୍କ ପ୍ରେମ ଠିକ ଆଉ ପ୍ରେମିକା ଠିକ୍ ତେବେ ସେପରି ପ୍ରେମରେ ବିପଥଗାମୀ ହେବାର ଚାନ୍ସ ପ୍ରାୟ ନାହିଁ। ହେଲେ ପ୍ରେମକୁ ନେଇ ବିପଥଗାମୀ ହେବା ନିଜର ମାନସିକତା ଉପରେ ନିର୍ଭର କରେ। କାରଣ ସେମାନେ ପ୍ରେମକୁ ସବୁବେଳେ ଭିନ୍ନ ଦୃଷ୍ଟିରେ ଦେଖନ୍ତି। ଠିକ୍ ସେମିତି ତାହାର ଫଳ ମଧ୍ୟ ପାଇଥାଆନ୍ତି। ତେଣୁ ବେଳ ଥାଉ ସାବଧାନ ରହିଲେ ବିପଥଗାମୀ ହେବାର ସମ୍ଭାବନା କମ୍ ଥାଏ।

**ପ୍ରଶ୍ନ**–ଜଣେ ଝିଅକୁ କେମିତି ପ୍ରେମ ନିବେଦନ କରିବି କହିବେ କି ସାଥୀ ?

*–ଅପୂର୍ବ, ରାଉରକେଲା*

**ଉତ୍ତର :** ପ୍ରେମ ବିଷୟରେ ଯେତେବେଳେ ଚିନ୍ତା କରୁଛନ୍ତି କେମିତି ତାକୁ ଆପ୍ଲାଏ କରିବେ କେବେ ଚିନ୍ତା କରିଛନ୍ତି ? ଗୋଟିଏ କଥା, ପ୍ରପୋଜ କରିବା ବେଳେ ଆଦୌ ତରତର ହୁଅନ୍ତୁ ନାହିଁ। ସମୟ, ସୁବିଧା ଦେଖି ଏମିତି ତୀର ମାରନ୍ତୁ ଯେମିତି ତାହା ଠିକ୍ ଜାଗାରେ ବାଜିବ। ଯଦି ପ୍ରେମ ନିଶାରେ ବାଉଳା ହୋଇ କିଛି ଏପଟସେପଟ କରିଦେଲେ ପାଣିପାଗ ବିଗିଡି ଯାଇପାରେ। ବାସ୍, ଦେଖିଚାହିଁ ଖେଳ ଖେଳନ୍ତୁ।

**ପ୍ରଶ୍ନ**–ମୋ ମନକୁ ଜଣେ ସୁନ୍ଦରୀ କେମିତି ଚୋରି କରିନେଲା ଜାଣିପାରିଲି ନାହିଁ। ବେଶ୍ କିଛିଦିନ ଆମର ପ୍ରେମ ଠିକ୍ ଚାଲିଲା। ଏବେ ସେ ମୋତେ ଦେଖିଲା ବେଳକୁ ମୁହଁ ବୁଲାଇ ଚାଲି ଯାଉଛି। କ'ଣ କରିବି ?

*–ସନ୍ତୋଷ କୁମାର, ବାରିପଦା*

**ଉତ୍ତର :** ଆଉ କ'ଣ କରିବେ ବୋଲି ଭାବୁଛନ୍ତି ? ଯାହାକୁ ମନପ୍ରାଣ ଦେଇ ଭଲ ପାଇଲେ ସେ ଅଧା ବାଟରେ ଆପଣଙ୍କ ମୁହଁକୁ ଚାହୁଁନାହିଁ। ବୋଧହୁଏ ଏହି ପ୍ରେମରେ କିଛି କେଁ ରହିଯାଇଛି। ତେଣୁ ଯଦି ଆଉ ପାଣିପାଗ ଭଲ ଲାଗୁନି ତେବେ ଚ୍ୟାନେଲ ବଦଳାଇ ଦିଅନ୍ତୁ ନା ! ସେଭଳି ପ୍ରେମକୁ ନେଇ ଯେତେ ଆଗେଇବେ ସେତେ ମନ ଭିତରେ ଜଳୁଥିବା ଅସନ୍ତୋଷର ନିଆଁ ହୁହୁଳି ହୁହୁଳି ଆହୁରି ଜଳିବ।



ସାଥୀ

## ପ୍ରଥମ ରୋଜଗାର



ଦଶପଲ୍ଲା କୃଷି ଜିଲା ଅଧିକାରୀ ତଥା କୃଷି ଲେଖକ **ଲକ୍ଷ୍ମୀନାରାୟଣ ଦାଶ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...


# ପ୍ରଥମ ରୋଜଗାର ଟଙ୍କାରେ ଠାକୁରଙ୍କ ପାଖେ ଭୋଗ ହୋଇଥିଲା

ନୟାଗଡ଼ ଜିଲା ଓଡଗାଁ ବ୍ଲକ ଅନ୍ତର୍ଗତ ପନ୍ତିଖାରୀ ଶାସନରେ ମୋ ଜନ୍ମ। ରଘୁନାଥ ଉଚ୍ଚ ବିଦ୍ୟାପୀଠରୁ ୧୯୭୭ରେ ମାଟ୍ରିକ୍ ପାସ୍ କରି ପୁରୀ ଏସ୍.ସି.ଏସ୍. କଲେଜରେ ଆଇ.ଏସ୍‌ସି ଆଉ ତା'ପରେ ଓୟୁଏଟି, ଭୁବନେଶ୍ୱରରେ ବି.ଏସ୍‌ସି (ଏଜି) ପଢ଼ିଥିଲି। ଏହାପରେ ମୋର କୃଷି ବିଭାଗରେ ଚାକିରି ହୋଇଗଲା। କୋରାପୁଟ ଜିଲା ଜୟପୁର ସବ୍‌ଡିଭିଜନର ବୈପାରୀଗୁଡ଼ା ବ୍ଲକ୍ କୃଷି କାର୍ଯ୍ୟାଳୟରେ କନିଷ୍ଠ କୃଷି ଅଧିକାରୀ ଭାବେ ମୋର ପ୍ରଥମ ପୋଷ୍ଟିଂ ହୋଇଥିଲା। ସେତେବେଳେ ୧୦୭୮ ଟଙ୍କା ଦରମା ମିଳୁଥିଲା। ପ୍ରଥମ ମାସ ଦରମା ପାଇଲା ପରେ ନିଜ ଖର୍ଚ୍ଚ ପାଇଁ କିଛି ରଖି ବାକି ଟଙ୍କା ଘରକୁ ପଠାଇ ଦେଇଥିଲି। ସେହି ଟଙ୍କାରେ ଘରଲୋକେ ଠାକୁରଙ୍କ ପାଖେ ଭୋଗ କରିଥିଲେ। ବୈପାରୀଗୁଡ଼ାରେ କିଛି ବର୍ଷ ଏବଂ ତା'ପରେ ଭଞ୍ଜନଗରର ବେଲଗୁଣ୍ଠା ଏବଂ ବୁଗୁଡ଼ାରେ ବି କିଛି ବର୍ଷ କାମ କରିବା ପରେ ୧୯୯୦ରେ ଚାକିରିରୁ ଷ୍ଟଡି ଲିଭ୍ ନେଇ ଓୟୁଏଟିରେ ସ୍ନାତକୋତ୍ତରରେ ଏମ୍.ଏସ୍‌ସି (ଏଜି) କୋର୍ସ କରିଥିଲି। ଏହି କୋର୍ସରେ ମୁଁ ୟୁନିଭର୍ସିଟି ଟପ୍ପର ହେବାରୁ ମୋତେ ସେତେବେଳେ ୟୁନିଭର୍ସିଟି ତରଫରୁ ଦୁଇଟି ଗୋଲ୍ଡ ମେଡାଲ୍ ପ୍ରଦାନ କରାଯାଇଥିଲା। ତେବେ ଏମ୍.ଏସ୍‌ସି (ଏଜି) ସାରିବା ପରେ ମୁଁ ପ୍ରାୟ ୪ ବର୍ଷ ପୁଣି ସେହି କନିଷ୍ଠ କୃଷି ଅଧିକାରୀ ଭାବେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍‌ରେ କାମ କରିଥିଲି। ଆଉ ତା'ପରେ ପଦୋନ୍ନତି ପାଇ ରୋଗପୋକ ବିଶେଷଜ୍ଞ ଭାବେ ବରଗଡ଼ ଜିଲାର ଜିଲା କୃଷି କାର୍ଯ୍ୟାଳୟ, ଭଟ୍‌ଲିକୁ ବଦଳି ହୋଇ ଯାଇଥିଲି। ଭଟ୍‌ଲି ପରେ ସୁବର୍ଣ୍ଣପୁରର ଡୁଙ୍ଗୁରିପାଲି, ନୟାଗଡ଼ର ଦଶପଲ୍ଲା, କେନ୍ଦୁଝରର ଆନନ୍ଦପୁର, କଟକର ଉପ କୃଷି ନିର୍ଦ୍ଦେଶକ, ଝାରସୁଗୁଡ଼ା ତଥା ନୟାଗଡ଼ ଜିଲାର ଜିଲା କୃଷି କାର୍ଯ୍ୟାଳୟଗୁଡ଼ିକରେ ବି କିଛି କିଛି ବର୍ଷ ରୋଗପୋକ ବିଶେଷଜ୍ଞ ଭାବେ କାମ କରିବା ପରେ ପୁଣି ଚାକିରି କ୍ଷେତ୍ରରେ ପଦୋନ୍ନତି ପାଇଥିଲି। ରୋଗପୋକ ବିଶେଷଜ୍ଞରୁ ଜିଲା କୃଷି ଅଧିକାରୀ ଭାବେ ପଦୋନ୍ନତି ପାଇ ନୟାଗଡ଼ର ଦଶପଲ୍ଲା ଜିଲା କୃଷି କାର୍ଯ୍ୟାଳୟରେ ଯୋଗ ଦେଇଥିଲି। ଏଠାରେ ଯୋଗ ଦେବାର କିଛିଦିନ ପରେ ସରକାରଙ୍କ ନିୟମାନୁଯାୟୀ, ଜିଲା କୃଷି ଅଧିକାରୀ ଭାବେ କାର୍ଯ୍ୟରତ ଥିବା ସମସ୍ତ ଅଫିସରଙ୍କୁ ପଦୋନ୍ନତି ଦିଆଯିବା ସହିତ ସେମାନଙ୍କର ପଦବୀକୁ ପରିବର୍ତ୍ତନ କରି କୃଷି ଜିଲା ଅଧିକାରୀ କରିଦିଆଯାଇଥିଲା। ସେଥିପାଇଁ ବର୍ତ୍ତମାନ ମୁଁ ନୟାଗଡ଼ର ଦଶପଲ୍ଲା ଜିଲା କୃଷି କାର୍ଯ୍ୟାଳୟରେ କୃଷି ଜିଲା ଅଧିକାରୀ ଭାବେ କାର୍ଯ୍ୟ କରୁଅଛି। ତେବେ ଏହି ବ୍ୟସ୍ତମୟ ଚାକିରି ଜୀବନରୁ ସମୟ ବାହାର କରି ଅନେକ କୃଷି ଭିତ୍ତିକ ଲେଖା ବି ମୁଁ ଲେଖିଛି। ମୋ ଲେଖାଗୁଡ଼ିକ ମୁଖ୍ୟତଃ ବିଶ୍ୱ ଉତ୍ତପ୍ତୀକରଣ ଓ ଜଳବାୟୁ ପରିବର୍ତ୍ତନ, ଜୈବିକ କୃଷି, ଚିରସ୍ଥାୟୀ କୃଷି, ସମନ୍ୱିତ ରୋଗପୋକ ପରିଚାଳନା, ପାରମ୍ପରିକ ପଦ୍ଧତିରେ ରୋଗପୋକ ନିୟନ୍ତ୍ରଣ, ସାମାଜିକ ତଥା ଅର୍ଥନୈତିକ କୃଷି ସଂସ୍କାର ତଥା ରାସାୟନିକ କୀଟନାଶକ ଜନିତ ପରିବେଶ ପ୍ରଦୂଷଣ ଏବଂ ଏହାର ନିରାକରଣ ଉପରେ ପର୍ଯ୍ୟବସିତ ଥାଏ। ଆଉ ଏହି ସବୁ ବିଷୟକୁ ଆଧାର କରି ଯା' ଭିତରେ ମୋର ପ୍ରାୟ ୩୧୪ଟି ଆର୍ଟିକିଲ୍ ରାଜ୍ୟ ତଥା ଜାତୀୟ ସ୍ତରର ବିଭିନ୍ନ ମାଗାଜିନ୍ ତଥା ଖବରକାଗଜରେ ପ୍ରକାଶିତ ହୋଇସାରିଲାଣି। ଏହି ଲେଖାଲେଖି ପାଇଁ ମୋତେ ଅନେକ ପୁରସ୍କାର ଓ ସମ୍ମାନ ବି ମିଳିଛି। ତନ୍ମଧ୍ୟରୁ ପ୍ରକୃତି ବନ୍ଧୁ ସମ୍ମାନ ହେଉଛି ଅନ୍ୟତମ। କାରଣ ମୋର ସମସ୍ତ ଲେଖାରେ ପରିବେଶ କିପରି ସୁସ୍ଥ ରହିବ, ଚାଷ କେମିତି ଭଲ ହେବ, କୃଷକ କିଭଳି ଲାଭବାନ ହେବେ ଇତ୍ୟାଦି ଉପାଦେୟ ତଥ୍ୟ ସବୁ ରହିଥାଏ। ସେଥିପାଇଁ ଏହି ସମ୍ମାନ ମିଳିଛି, ଯାହା ମୋତେ ଏକ ନିଆରା ପରିଚିତି ଦେଇଛି।

# ଅଜବ ବିଶ୍ୱାସର ମନ୍ଦିର



ଭାରତର ବିଭିନ୍ନ ସ୍ଥାନରେ ରହିଛି ଏପରି ମନ୍ଦିର, ଯାହାର ପରମ୍ପରା ଆଉ ବିଶ୍ୱାସ କାହାକୁ ବି ଚକିତ କରିଦେବ...










**ଲଙ୍କାଗୁଣ୍ଡ ବୋଳିହୋଇ ନିଆଁରେ ଚାଲନ୍ତି ଭକ୍ତ:** ଭାରତର ବିଭିନ୍ନ ମନ୍ଦିରରେ ଭିନ୍ନ ଭିନ୍ନ ପରମ୍ପରା ଦୃଷ୍ଟି ଗୋଚର ହୋଇଥାଏ। ବେଳେବେଳେ ଏହା ଆଧୁନିକ ବିଜ୍ଞାନକୁ ଚ୍ୟାଲେଞ୍ଜ୍ କରିଥାଏ। ମାତ୍ର ଏହାର ରହସ୍ୟ ଖୋଜିବାକୁ ବିଜ୍ଞାନ ସକ୍ଷମ ହୋଇପାରେନା। ଏଭଳି ଏକ ଅଜବ ପରମ୍ପରା ତାମିଲନାଡୁ ଇଦ୍ୱାଞ୍ଚିଓ୍ୱାଡି ଗାଁରେ ଥିବା ବର୍ନାମୁର୍ଡୁ ମରିୟମନ୍ ମନ୍ଦିରରେ ଅତି ପ୍ରାଚୀନ କାଳରୁ ଚଳି ଆସୁଛି। ଏଠାରେ ପ୍ରତିବର୍ଷ ୮ ଦିନ ବ୍ୟାପି ବାର୍ଷିକ ଉତ୍ସବ ପାଳିତ ହୋଇଥାଏ। ଏହି ଅବସରରେ ମନ୍ଦିରର ତିନି ପ୍ରମୁଖ ଭକ୍ତଙ୍କୁ ଲଣ୍ଡା କରାଯାଇ ସେମାନଙ୍କ ଶରୀରରେ ଚନ୍ଦନ, କୁଙ୍କୁମ, ଅତର, ହଳଦୀ ସହିତ ଲାଲ୍ ଲଙ୍କାଗୁଣ୍ଡ ବୋଳି ଦିଆଯାଇଥାଏ। ସେମାନଙ୍କୁ କିଛି ଗୁଣ୍ଡ ମଧ୍ୟ ସେବନ କରିବାକୁ ଦିଆଯାଇଥାଏ। ଏହାପରେ ମନ୍ଦିର ଭିତରକୁ ନିଆଯାଇଥାଏ। ସେଠାରେ ସେମାନଙ୍କୁ ଜଳୁଥିବା ଅଙ୍ଗାରରେ ଚାଲିବାକୁ ହୋଇଥାଏ। ଏହାଦ୍ୱାରା ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ଉତ୍ସବକୁ ଲଙ୍କା ଅଭିଷେକ କୁହାଯାଇଥାଏ।

**ପ୍ରେମିକ ପ୍ରେମିକାଙ୍କ ବିଚ୍ଛେଦ ପାଇଁ ହୁଏ ପୂଜା:** ଉତ୍ତରପ୍ରଦେଶ ସାହାରନ ପୁରରେ ରହିଛି ଶ୍ରୀବାଲାଜୀ ମହାରାଜଙ୍କ ମନ୍ଦିର। ମନ୍ଦିରରେ ହନୁମାନଙ୍କ ବାଳ ସ୍ୱରୂପ ପୂଜା ହୋଇଥାନ୍ତି। ଏଠାରେ ଯୁବତୀ ଯୁବକଙ୍କ ମୁଣ୍ଡରୁ ପ୍ରେମ ନିଶା ଉତାରିବା ଲାଗି କରାଯାଇଥାଏ ପୂଜା। ସେଥିପାଇଁ ଏଠାରେ କୌଣସି ପ୍ରେମୀଯୁଗଳ ପାଦ ପକାଇ ନ ଥାନ୍ତି। ପରିବାରର ଇଚ୍ଛା ବିରୋଧରେ ପ୍ରେମ ବିବାହ କରିବାକୁ ଜିଦ୍ ଧରିଥିବା ଯୁବତୀ ଯୁବକଙ୍କ ସମ୍ପର୍କୀୟ ମନ୍ଦିରରେ ଆସି ପୂଜାର୍ଚ୍ଚନା କଲେ ସୁଫଳ ମିଳିଥାଏ ବୋଲି ରହିଛି ବିଶ୍ୱାସ। ପୂଜା ପରେ ଆଶ୍ଚର୍ଯ୍ୟ ଭାବେ ଯୁବତୀ ଯୁବକମାନେ ନିଜ ଜିଦ୍‌ରୁ ଓହରି ଆସି ପରିବାର ଇଚ୍ଛାନୁସାରେ ବିବାହ କରୁଥିବା ସ୍ଥାନୀୟ ଲୋକେ କୁହନ୍ତି। ପ୍ରତି ମଙ୍ଗଳବାର ମନ୍ଦିରରେ ଏଥିଲାଗି ସ୍ୱତନ୍ତ୍ର ପୂଜା କରାଯାଇଥାଏ।

**ସ୍ତନକର୍କଟ ନହେବା ପାଇଁ ହୁଏ ପୂଜା:** ଜାପାନରେ ରହିଛି ଏକ ମନ୍ଦିର। ଏଠାରେ ସ୍ତନ ପୂଜା କରାଯାଏ। ସ୍ତନ କର୍କଟ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ନିର୍ମାଣ କରାଯାଇଛି ଏହି ମନ୍ଦିର। ସ୍ତନ କର୍କଟ ହେଲେ କିମ୍ବା ନ ହେବା ପାଇଁ ଏଠାରେ ଶ୍ରଦ୍ଧାଳୁ କରନ୍ତି ମାନସିକ। ଏହା ସହିତ ଦେଶ ବିଦେଶରୁ ଅନେକ ଭିନ୍ନ ଭିନ୍ନ ମନୋକାମନା ନେଇ ଏଠାକୁ ଆସିଥାନ୍ତି। ମାନସିକ ପୂରଣ ହେଲେ ଶ୍ରଦ୍ଧାଳୁ ଏଠାରେ ସ୍ତନ ଆକୃତିର ପ୍ରତିକୃତି ଅର୍ପଣ କରିଥାନ୍ତି। ମନ୍ଦିରରେ ପ୍ରସାଦ ଭାବେ ଶ୍ରଦ୍ଧାଳୁଙ୍କୁ କ୍ଷୀର ପ୍ରଦାନ କରାଯାଇଥାଏ।

**ଏବେ ବି ଆସନ୍ତି ଅଶ୍ୱତ୍‌ଥମା :** ମହାଭାରତର ଅଶ୍ୱତ୍‌ଥମା ଆଜି ବି ମା'ଙ୍କ ମନ୍ଦିରରେ ପୂଜା କରନ୍ତି । ଦ୍ୱାପର ଯୁଗର କିଛି କଥା ସହିତ ଜଡ଼ିତ ଥିବା ଉତ୍ତର ପ୍ରଦେଶର ଇଟାଓ୍ୱା ଜିଲ୍ଲାରେ ଯମୁନା ନଦୀ କୂଳରେ ଅବସ୍ଥିତ ମା' କାଳୀଙ୍କ ମନ୍ଦିର ବିଷୟରେ ମାନ୍ୟତା ରହିଛି। ମହାଭାରତର ଅଶ୍ୱତ୍‌ଥମା ଏବେ ବି ଅଦ୍ଭୁତ ରୂପରେ ଆସି ସର୍ବପ୍ରଥମେ ଏଠାରେ ପୂଜାର୍ଚ୍ଚନା କରିଥାନ୍ତି। ଇଟାଓ୍ୱା ସଦର ମୁଖ୍ୟାଳୟରୁ ମାତ୍ର ୫ କିଲୋମିଟର ଦୂରରେ ଥିବା ଯମୁନା ନଦୀ କୂଳରେ ଅବସ୍ଥିତ ଏହି ମନ୍ଦିରରେ ନବରାତ୍ରି ସମୟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ନିଜ ମନସ୍କାମନା ପୂରଣ କରିବା ପାଇଁ ଦୂରଦୂରାନ୍ତରରୁ ଭକ୍ତମାନେ ଏଠାକୁ ଆସିଥାନ୍ତି। ମନ୍ଦିରର ମୁଖ୍ୟ କହିବା ଅନୁଯାୟୀ ସେ ପ୍ରାୟ ୪୦ ବର୍ଷ ହେଲାଣି ଏହି ମନ୍ଦିରରେ ସେବା କରିଆସୁଛନ୍ତି। ତାଙ୍କ ମତରେ ମନ୍ଦିର ବନ୍ଦ ହେବା ପୂର୍ବରୁ ମୂର୍ତ୍ତିରୁ ସବୁ ଶୁଖିଯାଇଥିବା ଫୁଲଗୁଡ଼ିକୁ ବାହାର କରିଦିଆଯାଇଥାଏ କିନ୍ତୁ ସକାଳେ ଯେତେବେଳେ ମନ୍ଦିର ଖୋଲାଯାଏ ମନ୍ଦିର ଗର୍ଭଗୃହରେ ଫୁଲ ଗୁଡ଼ିକ ଏକଦମ ସତେଜ ଅବସ୍ଥାରେ ରହିଥାଏ। ଯାହା ପ୍ରମାଣ କରେ ଯେ କେହି ନା କେହି ଛଦ୍ମ ରୂପରେ ଆସି ପୂଜା କରିଥାଆନ୍ତି । ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ, ମହାଭାରତର ଅଶ୍ୱତ୍‌ଥମା ମା'ଙ୍କ ମନ୍ଦିରରେ ଆସି ରାତିରେ ପୂଜା କରିଥାନ୍ତି।

# ମଡେଲ ମିରର୍



**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ନମ୍ରତା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ଚଷମା

ଟିଣ୍ଟୁ ଚଷମା ଦୋକାନକୁ ଯାଇ– ଅଙ୍କଲ, ଗୋଟେ ବେଶି ପାୱାରବାଲା ଚଷମା ଦେବ।
ଦୋକାନୀ– ପ୍ରଥମେ କୁହ କାହା ପାଇଁ ଚଷମା ନେବ?
ଟିଣ୍ଟୁ– ଆମ ସାର୍‌ଙ୍କ ପାଇଁ।
ଦୋକାନୀ– ସାର୍‌ଙ୍କର କ'ଣ ଆଖି ଖରାପ? ଟିଣ୍ଟୁ–ହଁ।
ଦୋକାନୀ– ତା'ହେଲେ ତାଙ୍କୁ ଦୋକାନକୁ ଆଣ। ତାଙ୍କ ପାୱାର ଚେକ୍ କରିବା।
ଟିଣ୍ଟୁ– ଚେକ୍ କରିବା ଦରକାର ନାହିଁ। ତାଙ୍କ ଆଖି ବହୁତ ଖରାପ, ନ ହେଲେ ତାଙ୍କୁ ମୁଁ ସବୁବେଳେ ଗଧ ଭଳି କାହିଁକି ଦେଖାଯାଉଛି?

### ସରିଲେ

ଶିକ୍ଷକ– କ୍ଲାସ୍ ସରିଲା ପରେ ଯାହାର ଯାହା ପ୍ରଶ୍ନ ଅଛି ପଚାରି ପାରିବ।
କ୍ଲାସ୍ ସରିବା ପରେ ପିଣ୍ଟୁ– ସାର୍, ମୁଁ ଗୋଟେ ପ୍ରଶ୍ନ ପଚାରିବି।
ଶିକ୍ଷକ– ହଁ, ପଚାର।
ପିଣ୍ଟୁ– ଆଜି ସୀମା ସ୍କୁଲ କାହିଁକି ଆସିଲାନି?

### କିଏ ଖାଇଲା

ଶିକ୍ଷକଙ୍କୁ ବହୁତ ଭୋକ ଲାଗିବାରୁ ସେ ରାଜୁର ଟିଫିନ୍ ଖାଇଦେଲେ।
ଶିକ୍ଷକ– ତୁ ଘରେ କହିବୁନି ଯେ, ମୁଁ ଖାଇଦେଇଛି ବୋଲି।
ରାଜୁ– ହଉ ସାର୍। ମତେ କିଏ ପଚାରିଲେ କହିବି କୁକୁର ଖାଇଦେଲା।







# ରାୟଗଞ୍ଜ ବନ୍ୟପ୍ରାଣୀ ଅଭୟାରଣ୍ୟ



ପଶ୍ଚିମବଙ୍ଗର ଉତ୍ତର ଦୀନଜାପୁର ଜିଲା ଅନ୍ତର୍ଗତ ରାୟଗଞ୍ଜ ନାମକ ଏକ ସ୍ଥାନ ନିକଟରେ ରହିଛି ଲୋକପ୍ରିୟ ରାୟଗଞ୍ଜ ବନ୍ୟପ୍ରାଣୀ ଅଭୟାରଣ୍ୟ। ଏହା କୁଲିକ୍ ପକ୍ଷୀ ଅଭୟାରଣ୍ୟ ଭାବେ ବି ଜଣାଶୁଣା। କାରଣ କୁଲିକ୍ ନାମକ ଏକ ନଦୀ ଉକ୍ତ ଅଭୟାରଣ୍ୟ ମଧ୍ୟଦେଇ ପ୍ରବାହିତ ହେଉଛି। ଆଉ ଏହି ନଦୀପଠାକୁ ପ୍ରତିବର୍ଷ ଶୀତଦିନେ ହଜାର ହଜାର ସଂଖ୍ୟାରେ ପ୍ରବାସୀ ପକ୍ଷୀ ଉଡି ଆସିଥାନ୍ତି, ଯାହା ଆଗନ୍ତୁକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ତା'ଛଡ଼ା ଏହି ଅଭୟାରଣ୍ୟରେ ପ୍ରାୟ ୧୬୪ ପ୍ରଜାତିର ପକ୍ଷୀ ବି ଦେଖିବାକୁ ମିଳିଥାନ୍ତି। ତେଣୁ ଏହାକୁ ଏକ ପକ୍ଷୀ ଅଭୟାରଣ୍ୟ କହିଲେ ମଧ୍ୟ ଭୁଲ୍ ହେବନାହିଁ।

## ଜଳବାୟୁ

ଖରାଦିନେ ଏଠାକାର ସର୍ବୋଚ୍ଚ ତାପମାତ୍ରା ପ୍ରାୟ ୩୯ ଡିଗ୍ରୀ ସେଲ୍‌ସିୟସ୍ ରହୁଥିବାବେଳେ ସର୍ବନିମ୍ନ ତାପମାତ୍ରା ପାଖାପାଖି ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିଥାଏ। ସେହିପରି ଶୀତଦିନେ ସର୍ବୋଚ୍ଚ ତାପମାତ୍ରା ୨୩ ଏବଂ ସର୍ବନିମ୍ନ ତାପମାତ୍ରା ୬ ଡିଗ୍ରୀ ସେଲ୍‌ସିୟସ୍ ଅନୁଭୂତ ହୋଇଥାଏ। ତା'ଛଡ଼ା ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଏଠାରେ ବର୍ଷା ବି ହୁଏ। ତେବେ ଏସବୁ ଭିତରୁ ପର୍ଯ୍ୟଟକ ଖାସ୍ କରି ଡିସେମ୍ବରରୁ ଫେବୃୟାରୀ ମଧ୍ୟରେ ଏଠାକୁ ବୁଲିଯିବା ପାଇଁ ପସନ୍ଦ କରିଥାନ୍ତି। କାରଣ ଏହି ସମୟରେ ସ୍ଥାନୀୟ ଜଳବାୟୁ ବୁଲାବୁଲି କରିବା ପାଇଁ ବେଶ୍ ଅନୁକୂଳ ରହିଥାଏ।

## କେମିତି ଯିବେ

ରାୟଗଞ୍ଜ ଟାଉନ୍ କଲିକତାଠାରୁ ପ୍ରାୟ ୪୨୫ କି.ମି. ଏବଂ ସିଲିଗୁଡ଼ିଠାରୁ ପ୍ରାୟ ୧୮୧ କି.ମି. ଦୂରରେ ଅବସ୍ଥିତ। ସେହିପରି ରାୟଗଞ୍ଜ ଟାଉନ୍‌ଠାରୁ ରାୟଗଞ୍ଜ ବନ୍ୟପ୍ରାଣୀ ଅଭୟାରଣ୍ୟଟି ପ୍ରାୟ ୪ କି.ମି. ଦୂର। ତେବେ ଏହି ଅଭୟାରଣ୍ୟ ନିକଟକୁ ଯିବାପାଇଁ ଗମନାଗମନର ମଧ୍ୟ ଭଲ ବ୍ୟବସ୍ଥା ରହିଛି। ବାଗ୍‌ଡୋଗ୍ରା ଏୟାରପୋର୍ଟ ଏହାର ନିକଟତମ ବିମାନବନ୍ଦର ହୋଇଥିବାବେଳେ ଡାଲ୍‌ଖୋଲା ରେଲଓ୍ୱେ ଷ୍ଟେଶନ ହେଉଛି ଏହାର ନିକଟବର୍ତ୍ତୀ ରେଳଷ୍ଟେଶନ। ସେହିପରି ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ରାୟଗଞ୍ଜ ବନ୍ୟପ୍ରାଣୀ ଅଭୟାରଣ୍ୟରେ ପହଞ୍ଚିପାରିବେ।

## କ'ଣ ଦେଖିବେ

ପ୍ରାୟ ୧.୩୦ ବର୍ଗ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିବା ଏହି ଅଭୟାରଣ୍ୟଟିର ଉନ୍ନତିମୂଳକ କାମ ୧୯୭୦ ମସିହାରୁ ଆରମ୍ଭ ହୋଇଥିଲା। ପକ୍ଷୀମାନଙ୍କର ଆଗମନକୁ ଦେଖି ପ୍ରାରମ୍ଭିକ ପର୍ଯ୍ୟାୟରେ ଏଠାରେ ଅନେକ ଗଛ ଲଗାଯିବା ସହିତ ସେମାନଙ୍କ ସଂଖ୍ୟା ଏଠାରେ କିପରି ବୃଦ୍ଧି ପାଇବ ସେ ନେଇ ଅନେକ ଉପାୟ ମଧ୍ୟ ଆପଣା ଯାଇଥିଲା। ଧୀରେ ଧୀରେ ପକ୍ଷୀଙ୍କ ସଂଖ୍ୟା ଏଠାରେ ବୃଦ୍ଧି ପାଇବାରୁ ୧୯୮୫ ମସିହାରେ ଏହାକୁ ରାୟଗଞ୍ଜ ବନ୍ୟପ୍ରାଣୀ ଅଭୟାରଣ୍ୟର ମାନ୍ୟତା ମିଳିଲା। ତେବେ ଅଭୟାରଣ୍ୟ ଭିତରେ କୁଲିକ୍ ନାମକ ଏକ ନଦୀ ପ୍ରବାହିତ ହେଉଥିବାରୁ ଏବଂ ସେଠାରେ ମୁଖ୍ୟତଃ ପକ୍ଷୀଙ୍କ ଭିଡ଼ ଦେଖିବାକୁ ମିଳୁଥିବାରୁ ଲୋକେ ଆଦରରେ ଏହାକୁ କୁଲିକ୍ ପକ୍ଷୀ ଅଭୟାରଣ୍ୟ ବି କହିବାକୁ ଲାଗିଲେ। ଏହି ଅଭୟାରଣ୍ୟରେ ମୁଖ୍ୟତଃ ୧୬୪ ପ୍ରଜାତିର ପକ୍ଷୀ ଦେଖାଯାଇଥାନ୍ତି। ତନ୍ମଧ୍ୟରୁ ଚିଲ, ଫ୍ଲାଏକ୍ୟାଚର୍ସ, ପେଚା, ମାଛରଙ୍କା, କାଠହଣା, ଡ୍ରୋଙ୍ଗୋଜ୍,ଏସିଆନ୍ ଓପେନ୍‌ବିଲ୍ ଷ୍ଟର୍କ, ଲିଟିଲ୍ ଏଗ୍ରେଟ, ଲିଟିଲ୍ କର୍ମୋରାଣ୍ଟ, ନାଇଟ୍ ହେରନ୍, ପଣ୍ଡ ହେରନ୍ ଇତ୍ୟାଦି ପକ୍ଷୀ ହେଉଛି ପ୍ରମୁଖ। ଏହାବାଦ୍ ପ୍ରତିବର୍ଷ ଶୀତଦିନେ ଏଠାକୁ ହଜାର ହଜାର ସଂଖ୍ୟାରେ ପ୍ରବାସୀ ପକ୍ଷୀ ବି ଆସିଥାନ୍ତି, ଯାହା ଏଠାକାର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବା ସହ ଆଗନ୍ତୁକଙ୍କୁ ଆକୃଷ୍ଟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ତେବେ କେବଳ ପକ୍ଷୀ ନୁହଁନ୍ତି କେତେକ ବନ୍ୟପଶୁଙ୍କୁ ବି ଏଠାରେ ସୁରକ୍ଷିତ ଭାବେ ରଖାଯାଇଥିବାର ମଧ୍ୟ ଦେଖାଯାଇଥାଏ।













# ଟେଣ୍ଟ ସିଟି

ଆମେରିକା, ନ୍ୟୁଜର୍ସିର ଲେକ ଉଡ୍ ନିକଟରେ ଅଛି ଏକ ଛୋଟିଆ ସହର। ଏହି ସହର ସାଧାରଣ ସହରଠୁ ଭିନ୍ନ। କାରଣ ଏଠାରେ ନାହିଁ ଇଟା ସିମେଣ୍ଟର ଘର। କି ବଡ଼ ବଡ଼ ସୁଉଚ୍ଚ ଅଟ୍ଟାଳିକା। ଖାଲି ଦେଖିବାକୁ ମିଳେ ଧାଡି ଧାଡି ଟେଣ୍ଟ। କାରଣ ଏଇ ସହରରେ ଲୋକେ ଟେଣ୍ଟରେ ରୁହନ୍ତି। ପ୍ରାୟ ୧୦୦ ବାସହରା ଲୋକ ଟେଣ୍ଟ କରି ଏଠାରେ ରହିଛନ୍ତି। ଆଉ ସେମାନଙ୍କ ମଧ୍ୟରେ ଅଧିକାଂଶ ଡ୍ରଗ୍ ଆଡିକ୍ଟ ଅଟନ୍ତି। କେହି କେହି ତ ମାନସିକ ରୋଗଗ୍ରସ୍ତ ବି ଅଟନ୍ତି। ଏମାନେ ବାହାର ଲୋକଙ୍କ ଦାନ ଉପରେ ନିର୍ଭର କରି ଚଳନ୍ତି। ଦାନ କରାଯାଇଥିବା ପୋଷାକ ଓ ଖାଦ୍ୟ ଖାଆନ୍ତି। ଏଭଳି ଏକ ଭିନ୍ନ ସହରକୁ ଦେଖିବା ପାଇଁ ଅନେକ ପର୍ଯ୍ୟଟକ ଏଠାକୁ ଆସନ୍ତି।

## କାର୍ଟୁନ କର୍ନର



# ବରୁଣେଶ୍ୱରରେ ମାୟାବିନୀ ମୌସୁମୀ

ଓଡ଼ିଶାର ଅନ୍ୟତମ ଯାତ୍ରା ମହାକୁମ୍ଭ ବରୁଣେଶ୍ୱର ମେଳା। ବରୁଣେଶ୍ୱରଙ୍କ ପୀଠରେ ଅନୁଷ୍ଠିତ ଏହି ମେଳାର ମୁଖ୍ୟ ଆକର୍ଷଣ ହେଉଛି ଯାତ୍ରା। ଯାତ୍ରାର ଏକ ଅଘୋଷିତ ମହାସମର ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ମଧ୍ୟ ଯୁଦ୍ଧ ପାଇଁ ସଜବାଜ ହେଲେଣି ଯାତ୍ରାଦଳଗୁଡ଼ିକ। ଆଜିଠାରୁ ଆରମ୍ଭ ହେବ ଯାତ୍ରା। ବିଗୁଲ ବାଜି ସାରିଛି। ମଞ୍ଚ ବନ୍ଧା ସରିଛି। ଦର୍ଶକମାନଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଆଉ ସେହି ଉତ୍କଣ୍ଠାର ଶୀର୍ଷରେ ରହିଛି ଅପେରା ସୂର୍ଯ୍ୟମନ୍ଦିର। ଅପେରା ସୂର୍ଯ୍ୟମନ୍ଦିର ସମ୍ପୂର୍ଣ୍ଣ ପ୍ରସ୍ତୁତି ସହ ଆସିଛି ବରୁଣେଶ୍ୱରକୁ। ଅନୁଷ୍ଠାନର ପରିଚାଳକ ବଙ୍କିମ ସ୍ୱାଇଁ କହନ୍ତି :


ବଙ୍କିମ୍ ସ୍ୱାଇଁ


ମାୟାବିନୀ ମୌସୁମୀର 'ଶ୍ରାବଣୀ'

ଦଳ ଏଥର ବରୁଣେଶ୍ୱରରେ ତା'ର ଚର୍ଚ୍ଚିତ ନାଟକ 'ମାୟାବିନୀ ମୌସୁମୀ'କୁ ଅସ୍ତ୍ର କରିଛି। ପ୍ରତି କ୍ୟାମ୍ପରେ ଏହି ନାଟକ ତା'ର ସଫଳତାର ଯାତ୍ରା ଜାରି ରଖିଛି। ଆଉ ବରୁଣେଶ୍ୱରରେ ମଧ୍ୟ ତାହାକୁ ରିପିଟ୍ କରିବ ବୋଲି ପରିଚାଳକଙ୍କ ମତ। ନାଟକଟି ଏକ ନାରୀ କୈନ୍ଦ୍ରିକ ନାଟକ। ନାରୀ ହେଉଛି ପ୍ରକୃତି ସ୍ୱରୂପା। ନାରୀ ହିଁ ଏ ପୁରୁଷ ପ୍ରାଧାନ୍ୟ ସମାଜର ଏକ ପ୍ରଧାନ ଉତ୍ସ। ନାରୀ ହସିଲେ ସମାଜ ହସେ। ନାରୀ କାନ୍ଦିଲେ ସମାଜ କାନ୍ଦେ। ଯେତେବେଳେ ନାରୀ ଆଖିରୁ ଲୁହ ଝରେ, ତା' ନାକପୁଡ଼ାରୁ ତତଲା ନିଃଶ୍ୱାସ ବାହାରେ ସେତେବେଳେ ପୁରୁଷ ପ୍ରାଧାନ୍ୟ ସମାଜ ଧ୍ୱଂସ ହୋଇଯାଏ। ଏହା ହେଉଛି ନାଟକର ପ୍ରଚ୍ଛଦ କାହାଣୀ। ଏଥିରେ ଅଛି ଭାଇ ଭାଇର ପ୍ରେମ, ସନ୍ଦେହ, ପିତାର ଆଦର୍ଶ, ସାବତ ମା'ର ଈର୍ଷା, ବଡ଼ଭାଇର ତ୍ୟାଗ, ସ୍ୱାମୀ ସ୍ତ୍ରୀ ମଧ୍ୟରେ ଭୁଲ ବୁଝାମଣା, ପ୍ରେମିକାର ଅନନ୍ୟ ପ୍ରେମ, ଖଳନାୟକର କୁତ୍ସିତ ଷଡ଼ଯନ୍ତ୍ର, ଦାରିଦ୍ର୍ୟର ଯନ୍ତ୍ରଣାରେ ଛଟପଟ ହେଉଥିବା ଭାଇ, ପୁରୁଷ ପୀଡ଼ିତା ଯାଜ୍ଞସେନୀର କଠୋର ପ୍ରତିଜ୍ଞା ପୁଣି ପରିସ୍ଥିତିର ନିଆଁରେ ଜଳି ଛଟପଟ ହେଉଥିବା ମଣିଷମାନଙ୍କର କାହାଣୀ। ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଯାତ୍ରା ଜଗତର ଲାସ୍ୟମୟୀ ଅଭିନେତ୍ରୀ ବେବିନା। ଶ୍ରାବଣୀ ଚରିତ୍ରରେ ସେ ମଞ୍ଚକୁ ଆସୁଛନ୍ତି। ଆଉ ରାତିସାରା ଦର୍ଶକଙ୍କ ଆଖିରେ ଶ୍ରାବଣର ବନ୍ୟା ବୁହାଉଛନ୍ତି। ନାଟ୍ୟକାର ଅଧ୍ୟାପକ ଚିନ୍ମୟ ଦାସ ନାଟକଟିକୁ ରଚନା କରିଥିବା ବେଳେ ଏହାର ନିର୍ଦ୍ଦେଶନା ଦେଇଛନ୍ତି କିଶୋର ଖଣ୍ଡୁଆଳ। ବିକାଶ ଶୁକ୍ଳାଙ୍କ ସଂଯୋଜିତ ସଂଗୀତ ପାଇଁ ଗୀତ ରଚନା କରିଛନ୍ତି ନିଗମ ମିଶ୍ର। ନୃତ୍ୟ ବିଭାଗରେ ଅଛନ୍ତି ବାପି ସାର୍। ବିନୋଦ, ବେବିନା, ପୀୟୂଷ, ରୀନା, ଲିଜା, ପୂଜା, ବିନି, ସାଇ ସୁରଜ, ଦୀପକ ବୋଷ, ଅଭି, ବ୍ରଜ, ବାପି, ଟୁକୁ ଏବଂ ଆକାଶ ପ୍ରମୁଖଙ୍କ ଅଭିନୟ ବରୁଣେଶ୍ୱରର ଦର୍ଶକମାନଙ୍କ ଆଖିରେ ମୌସୁମୀର ମାୟା ରଚିବ ବୋଲି ଅନୁଷ୍ଠାନ ବେଶ୍ ଆଶାବାଦୀ। ବରୁଣେଶ୍ୱର ମେଳାକୁ ଆସୁଥିବା ଅନ୍ୟ ଯାତ୍ରା ଅନୁଷ୍ଠାନ ମଧ୍ୟରେ ରହିଛନ୍ତି ଶିବାନୀ ଗଣନାଟ୍ୟ, ଯାତ୍ରା ନିଉ ସଚ୍ଚିଦାନନ୍ଦ, ରାଜଧାନୀ ଅପେରା ଏବଂ ଯାତ୍ରା ସ୍ୱର୍ଣ୍ଣମହଲ।

# ଉତ୍କଳ ଗଣନାଟ୍ୟରୁ ଯାତ୍ରା ସ୍ୱପ୍ନମହଲ

'ଉତ୍କଳ ଗଣନାଟ୍ୟ'ରୁ ଆରମ୍ଭ ହୋଇଥିଲା ତାଙ୍କ ଅଭିନୟର ଯାତ୍ରା। ଏହା ୧୯୯୧ ମସିହା କଥା। ପ୍ରଥମ ନାଟକ ଥିଲା 'ପାଗଳୀ ଆସିଛି ଆମ ଗାଁକୁ'। ଚେହେରା ଥିଲା ଯେମିତି ଅଭିନୟ ବି ଥିଲା ସେମିତି। ଏହି ନାଟକ ଜରିଆରେ ଓଡ଼ିଶା ଯାତ୍ରା ଜଗତ ପାଇଥିଲା ଜଣେ ଉଦୀୟମାନ ଅଭିନେତାଙ୍କୁ। ସେହି ଅଭିନେତା ଜଣକ ହେଉଛନ୍ତି ତ୍ରିଲୋଚନ ସାହୁ। 'ଉତ୍କଳ ଗଣନାଟ୍ୟ'ରୁ ଯାତ୍ରା କ୍ୟାରିୟର ଆରମ୍ଭ କରିଥିବା ତ୍ରିଲୋଚନ ଇତିମଧ୍ୟରେ ଅଭିନୟର ଏକ ଲମ୍ବା ଇନିଂସ ଖେଳି ସାରିଛନ୍ତି। ସମ୍ପ୍ରତି ଏବେ ଆସି ପହଞ୍ଚିଛନ୍ତି 'ଯାତ୍ରା ସ୍ୱପ୍ନମହଲ'ରେ। ସବୁପ୍ରକାର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ସେ। ନାୟକ ହେଉ କି ଚରିତ୍ର ଅଭିନେତା ପୁଣି ଖଳଚରିତ୍ର – ପ୍ରତ୍ୟେକ ଚରିତ୍ରକୁ ସମୁଚିତ ମାନ୍ୟତା ଦେଇ ସେ ନିଜକୁ ଜଣେ ଅସଲ କଳାକାର ବୋଲି ପ୍ରତିପାଦିତ କରିଛନ୍ତି। ଯଦିଓ ଯାତ୍ରାକୁ କ୍ୟାରିୟର କରିବେ ବୋଲି ଭାବି ନ ଥିଲେ ; ତଥାପି କଳା ପ୍ରତି ପିଲାଟି ବେଳୁ ଦୁର୍ବଳତା ଥିଲା। ସେଥିଲାଗି ତ ସେ ସାଥୀପିଲାଙ୍କ ମେଳରେ କରୁଥିଲେ ନାଟକ। ବତାକୁ କରୁଥିଲେ ଖଣ୍ଡା। ସଢ଼େଇ ହେଉଥିଲା ମାଇକ୍। ବାପାଙ୍କ ଧୋତିରେ ତିଆରି ହେଉଥିଲା ମଞ୍ଚ। ପିଲାବେଳର ସେହି ଅଭିନୟର ଖେଳ କେମିତି ପେସା ପାଲଟିଗଲା ସେକଥା ସେ ନିଜେ ମଧ୍ୟ ଜାଣିପାରିଲେ ନାହିଁ। ଇତିମଧ୍ୟରେ ସେ ଅନେକ ଯାତ୍ରାପାର୍ଟିରେ ଅଭିନୟ କରି ସାରିଛନ୍ତି। ସେଥିମଧ୍ୟରେ ରହିଛି 'ରଘୁନାଥ କଳାକୁଞ୍ଜ', 'ଜଗଜ୍ଜନନୀ ଅପେରା', 'ପାର୍ବତୀ ଗଣନାଟ୍ୟ', 'ତାରିଣୀ ଗଣନାଟ୍ୟ', 'ଯାତ୍ରା ତ୍ରିରଙ୍ଗା', 'ନ୍ୟୁ ବାଣେଶ୍ୱରୀ', 'ଯାତ୍ରା ଇନ୍ଦ୍ରଭୁବନ', 'ଇନ୍ଦ୍ରମହଲ' ଏବଂ ଆହୁରି ଅନେକ। ଏକାଧିକ ସଫଳ ନାଟକର ତାଲିକା ମଧ୍ୟ ରହିଛି ତାଙ୍କ ନାମରେ। ସେଥିମଧ୍ୟରୁ କେତୋଟି ହେଉଛି 'କିନ୍ତୁ ଏକ ନାଟକ ବାଜେ ନୁହେଁ', 'କଣ୍ଢେଇ ଦେଇ ଭଣ୍ଡେଇ ଦେଲୁ', 'ନାଲି ଟୁକୁଟୁକୁ ସାଧବ ବୋହୂ', 'ବଳାତ୍କାରୀକୁ ଫାଶୀଦିଅ', 'ଗୁମୁରି କାନ୍ଦୁଛି ଲୋଟଣୀ ପାରା', 'ସୁନାର ପଞ୍ଜୁରି ମାଟିର ଶାରୀ', 'କହିଦେଲେ ମୁଁ ମରିଯିବୁ ତୁ', 'ଉର୍ବଶୀ ଆସୁଛି ଇନ୍ଦ୍ରମହଲ', 'ବଡ଼ ଲୋକକୁ ଉତ୍ତର ନାହିଁ' ଏବଂ 'ଶ୍ରୀକୃଷ୍ଣ ମୋର ଶେଷ ସାକ୍ଷୀ' ଏବଂ ଆହୁରି ଅନେକ। ଚଳିତବର୍ଷ ସେ 'ଯାତ୍ରା ସ୍ୱପ୍ନମହଲ'ରେ ନିଜର ଅଭିନୟ ଜାରି ରଖିଛନ୍ତି। ସ୍ୱପ୍ନମହଲରେ ତାଙ୍କ ଅଭିନୀତ ନାଟକଗୁଡ଼ିକ ମଧ୍ୟରେ ରହିଛି 'ବାପା ବୋଉ ତୁମେ ଭୁଲ କଲ', 'ଆପଣମାନେ ଖୁସି ତ', 'ସିଆଇଡି ଦୟା' ଏବଂ 'ସ୍ୱପ୍ନ ମହଲର ସ୍ୱପ୍ନା'।


ତ୍ରିଲୋଚନ ସାହୁ

## ପୁସ୍ତକ ସମୀକ୍ଷା

### ଢେଉ

ଗାଳ୍ପିକା : ପଲ୍ଲବୀ ନାୟକ, ପ୍ରକାଶକ : ଟାଇମ୍ ପାସ୍, ଭୁବନେଶ୍ୱର, ମୂଲ୍ୟ : ୧୨୫/–

ଟାଇମ୍ ପାସ୍ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ଗଳ୍ପ ସଂକଳନ 'ଢେଉ' ହସ୍ତଗତ ହୋଇଛି। ପୁସ୍ତକର ରଚୟିତା ହେଉଛନ୍ତି ପଲ୍ଲବୀ ନାୟକ। ସଂକଳନରେ ରହିଛି ମୋଟ ୨୭ଟି ଗପ। ସଂକଳନର ପ୍ରଥମ ଗଳ୍ପ 'ବର୍ଷାଫୁଲର ନିଆଁ'। ଗପର ପ୍ରାରମ୍ଭ ଭାରି ରୋମାଣ୍ଟିକ୍; ଯେମିତିକି – ରାଜଧାନୀର ଝିଅଙ୍କ ପରି ରାଜଧାନୀର ବର୍ଷା ବି। ଅପେକ୍ଷା କଲେ ଆସେନି, ଆସେ ତା' ଇଚ୍ଛାରେ। ସଂକଳନସ୍ଥ ଗପଗୁଡ଼ିକର ନାମକରଣ ବି ଚମତ୍କାର। ନାୟିକାର ନାମ ଶ୍ରାବଣୀ, କଦମ୍ବ ଫୁଲର ବାସ୍ନା, ସିଗାରେଟ୍ ଓ ସ୍ୱପ୍ନ ଦେଖୁଥିବା ଝିଅ ଇତ୍ୟାଦି। ସଂକଳନଟି ସଂଗ୍ରହଣୀୟ।

### ଦୃଶ୍ୟଭେଦ

କବି : ବିଜୟ ରାୟ, ପ୍ରକାଶକ : ବର୍ଷା ପବ୍ଲିକେସନ୍, ଭୁବନେଶ୍ୱର ମୂଲ୍ୟ : ୧୦୦/–




ବତିଶଟି କବିତାକୁ ନେଇ ପ୍ରକାଶିତ ହୋଇଛି କବିତା ସଂକଳନ 'ଦୃଶ୍ୟଭେଦ'। ବର୍ଷା ପବ୍ଲିକେସନ ଦ୍ୱାରା ପ୍ରକାଶିତ ଏହି ସଂକଳନର କବି ହେଉଛନ୍ତି ବିଜୟ ରାୟ। ସଂକଳନସ୍ଥ କବିତାରେ ରହିଛି ବ୍ୟବସ୍ଥା ଓ ଶୋଷଣ ବିରୋଧରେ ମୃଦୁ ବିଦ୍ରୋହ ତ ପୁଣି କେବେ ପ୍ରାକୃତିକ ବିଭବର କ୍ଷୟଶୀଳତାକୁ ନେଇ ଆଶା ତଥା ଆଶଙ୍କା। ପୁଣି ବିବର୍ତ୍ତିତ ପ୍ରେମର ପରିଭାଷାରେ ପ୍ରେମ ହଜିଯିବାର ଶଙ୍କାକୁ ନେଇ କବି ହୋଇଛି ଶତଜିହ୍ୱ। ସଂକଳନସ୍ଥ ଶୀର୍ଷକ କବିତା 'ଦୃଶ୍ୟଭେଦ'। ପ୍ରାରମ୍ଭରେ କବି ଲେଖିଥିବା ପଙ୍‌କ୍ତି ଚମତ୍କାର। ଯେମିତିକି– କାନ୍ଦୁଛନ୍ତି ସମସ୍ତେ/କାହାରି ଲୁହରେ ପାଣି ନାହିଁ। ସଂକଳନଟି ପଠନୀୟ।

### ସ୍ମରଣିକା

ପ୍ରକାଶକ : ରାଜ୍ୟସ୍ତରୀୟ ସାଇଭକ୍ତ ସମ୍ମିଳନୀ

ମୂଲ୍ୟ : କିଛିନାହିଁ–ରାଜ୍ୟସ୍ତରୀୟ ସାଇଭକ୍ତ ସମ୍ମିଳନୀ ପକ୍ଷରୁ ପ୍ରକାଶ ପାଇଛି ମୁଖପତ୍ର 'ସ୍ମରଣିକା'। ସ୍ମରଣିକାଟି ପୂର୍ଣ୍ଣତଃ ସଦ୍‌ଗୁରୁ ଶ୍ରୀ ସାଇବାବାଙ୍କୁ ସମର୍ପିତ। ଶ୍ରୀ ସାଇଙ୍କ ମହାସମାଧିର ଶତବାର୍ଷିକୀ ପାଳନ ଅବସରରେ ସାଇଙ୍କ ପ୍ରତି ଭକ୍ତିପୂର୍ଣ୍ଣ ପ୍ରାଣର ସମର୍ପଣକୁ ଏଥିରେ ଶବ୍ଦରୂପରେ ସ୍ଥାନିତ କରାଯାଇଛି। ଡ. ରବିନାରାୟଣ ସେନାପତି, ସୁଧୀର ମହାନ୍ତି, ସୁପ୍ରଭା ରାୟ, ଡ. ଅରବିନ୍ଦ ରାୟ ପ୍ରମୁଖ ଏଥିରେ ଆଲେଖ୍ୟ ରଚନା କରିଛନ୍ତି। ସମ୍ପାଦନମଣ୍ଡଳୀରେ ଯେଉଁମାନେ ଅଛନ୍ତି ସେମାନେ ହେଲେ ରମେଶ ଚନ୍ଦ୍ର ପ୍ରଧାନ, ଶୋଭାକର ଦାସ ଫତେସିଂହ, ପବିତ୍ର ମୋହନ ସାମଲ ପ୍ରମୁଖ।

ବ୍ୟାକ୍ ପେଜ୍

# ପିନ୍ଧି ହେଉଥିବା ବଗିଚା

ଫ୍ୟାଶନେବଲ୍ ଲାଗିବା ପାଇଁ ଅନେକେ ବିଭିନ୍ନ ଅଜବ ପୋଷାକ ପିନ୍ଧି ଥାଆନ୍ତି। ଫ୍ୟାଶନ ଶୋ'ରେ ବି ମଡେଲଙ୍କୁ କପଡା ବ୍ୟତୀତ ବିଭିନ୍ନ ପ୍ରକାର ଜିନିଷରେ ତିଆରି ଅଜବ ପୋଷାକ ପିନ୍ଧି ର୍‍ୟାମ୍ପରେ ଚାଲିବା ଦେଖିଥିବେ। ତେବେ ନିକଟରେ ଏମିତି ଏକ ପୋଷାକ ତିଆରି ହୋଇଛି, ଯାହା ସମ୍ପର୍କରେ ଜାଣିଲେ ଯେକେହି ଚକିତ ହୋଇଯିବେ। କାରଣ ଏ ହେଉଛି ପୃଥିବୀର ପ୍ରଥମ ପିନ୍ଧା ଯାଇପାରୁଥିବା ବଗିଚା। ଅର୍ଥାତ୍ ଏପରି ଏକ ବଗିଚା ତିଆରି କରାଯାଇଛି, ଯାହାକୁ ପୋଷାକ ପରି ପିନ୍ଧିହେବ। ଆମେରିକା, ଦକ୍ଷିଣ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ଡିଜାଇନର୍ ଅରୁସିଆକ୍ ଗେବ୍ରିୟଲନ୍ ଏହି ବଗିଚାକୁ ଡିଜାଇନ୍ କରିଛନ୍ତି। ଡିଜାଇନର୍ ଅରୁସିଆକ୍ ସବୁବେଳେ କହନ୍ତି 'ଗ୍ରୋ ୟୋର୍ ଓନ୍ ଫୁଡ୍'। ଏହି ଆଧାରରେ ସେ ତିଆରି କରିଛନ୍ତି ପିନ୍ଧାଯାଇ ପାରୁଥିବା ଏହି ବଗିଚା। ତେବେ ଏହାର ଏକ ବିଶେଷତ୍ୱ ହେଉଛି ଏଥିରେ ଯେଉଁ ଫଳମୂଳ ଉତ୍ପାଦିତ ହୁଏ ସେଥିରେ ନିଜ ମୂତ୍ରଦ୍ୱାରା ସିଞ୍ଚନ କରାଯାଏ। ଫ୍ରାନ୍ସର ଉଦ୍ଭିଦ ବିଜ୍ଞାନୀ ପ୍ୟାଟ୍ରିକ୍ ବ୍ଲାକ୍‌ଙ୍କ ଭର୍ଟିକାଲ ଗାର୍ଡେନରୁ ଅରୁସିଆକ ଏହି ଅଭିନବ ବଗିଚା କରିବାକୁ ପ୍ରେରଣା ପାଇଛନ୍ତି, ଯେଉଁଥିରେ ମାଟିର ଆବଶ୍ୟକତା ପଡି ନ ଥାଏ। ପୋଷାକ ତିଆରି କରିବା ପାଇଁ ସେ ଆର୍ଦ୍ରତାକୁ ଧରି ରଖିପାରୁଥିବା କପଡାକୁ ବାନିୟନ୍‌ର ଆକାର କଟାଇ ଥାଆନ୍ତି। ଆଉ ତା'ରି ଉପରେ ପନିପରିବା ଫଳ ଆଦି ଉତ୍ପାଦନ କରିଥାଆନ୍ତି। ଅରୁସିଆକ ଏ ପର୍ଯ୍ୟନ୍ତ କୋବି, ଗାଜର, ଷ୍ଟ୍ରବେରୀ ଭଳି ୨୨ରୁ ଅଧିକ ପ୍ରକାରର ପନିପରିବା ଉତ୍ପାଦନ କରିସାରିଲେଣି। ସେ କହନ୍ତି, ମୁଁ ଭାବିଲି ଯେବେ ମାଟିରୁ ଜଳୀୟ ଅଂଶ କମିଯିବ ଫସଲ କେମିତି ହେବ? ଏହାର ଉତ୍ତର ଖୋଜି ଖୋଜି ଶେଷରେ ଉକ୍ତ ପୋଷାକ ତିଆରି କରିବା କଥା ଭାବିଲି। ପୋଷାକରେ ଯେଉଁ ପଦ୍ଧତି ଅବଲମ୍ବନ କରାଯାଇଛି ଭବିଷ୍ୟତରେ ତାହାକୁ ବ୍ୟବହାର କରି ଚାଷ କରିହେବ। ତେବେ ଏହି ପୋଷାକରେ ଯେବେ ଫଳ, ପନିପରିବା ହୁଏ ପୋଷାକ ଓଜନିଆ ହୋଇଯାଏ। ଫଳରେ ଏହାକୁ ପିନ୍ଧିବା ମୁସ୍କିଲ ହୋଇଯାଏ।













# ପେପର୍ ୱିଗ୍

ଆସିୟା ଓ ଡିମିଟ୍ରି କୋଜିନ୍ ହେଉଛନ୍ତି କଳାକାର। ଦୁହେଁ କାଗଜରେ ବିଭିନ୍ନ କଳାକୃତି ତିଆରି କରନ୍ତି। ହେଲେ ନିକଟରେ କାଗଜର ଆକର୍ଷକ ୱିଗ୍ ତିଆରି କରି ସୋସିଆଲ ମିଡିଆରେ ବହୁ ପ୍ରଶଂସିତ ହୋଇଛନ୍ତି। କାରଣ ସେଗୁଡିକ ୱିଗ୍ ନୁହେଁ ଗୋଟେ ଗୋଟେ ସୁନ୍ଦର କଳାକୃତି। ନିଖୁଣ କାରିଗରିର ଝଲକ ଦେଖାଯାଏ ସେଥିରେ। ଫୁଲ, ପତ୍ର, ଡାଳ ସହ ଜାହାଜ, ଅଟ୍ଟାଳିକା, ଉଡାଜାହାଜ ବି ଦେଖିବାକୁ ମିଳେ ଏହି ୱିଗ୍‌ରେ। ୧୨ ବର୍ଷ ପୂର୍ବେ ଆସିୟା କିଛି ମିନିଏଚର୍ ୱିଗ୍ ତିଆରି କରି ପ୍ରଦର୍ଶନୀରେ ପ୍ରଦର୍ଶିତ କରିଥିଲେ, ଯାହାକୁ ସମସ୍ତେ ପ୍ରଶଂସା କରିଥିଲେ। ଏହାପରେ ସେ ସ୍ୱାମୀ ଡିମିଟ୍ରିଙ୍କ ସହ ମିଶି ପେପର୍ ୱିଗ୍ ତିଆରି କରିବା ଆରମ୍ଭ କଲେ। ଏବେ ଦୁହିଁଙ୍କର କଳାକୃତି ସାରା ପୃଥିବୀରେ ପରିଚିତ। ଦୁହେଁ ବହୁ ଗବେଷଣା କରି ଦୀର୍ଘ ସମୟ ନିଷ୍ଠାର ସହ ପରିଶ୍ରମ କରି ଏହି ପେପର୍ ୱିଗ୍ ତିଆରି କରିଥାଆନ୍ତି।

# ଫ୍ରି ଅନ୍ ଟ୍ରି

ହାଡ଼ଭଙ୍ଗା ଶୀତରାତିରେ ଆମେ ମୋଟା ଚାଦର ତଳେ ଉଷୁମ ଟାଣି ଶୋଇଥାଉ। ହେଲେ ଥରେ ଭାବିଲେ ବାସହୀନ ଲୋକ, ଯେଉଁମାନେ କି ଫୁଟ୍‌ପାଥ୍‌ରେ ଶୋଇବାକୁ ବାଧ୍ୟ ସେମାନଙ୍କ ରାତି କେମିତି କଟୁଥିବ। ଏହି ଚିନ୍ତା ବେଙ୍ଗାଲୁରୁର କିଛି ଯୁବତୀଯୁବକଙ୍କୁ ଘାରିଥିଲା। ତେଣୁ ସେମାନେ ରାଜରାଜେଶ୍ୱରୀ ନଗର ରେସିଡେଣ୍ଟ ଫୋରମ୍ ଗଠନ କରି ଏକ ଅଭିନବ ଯୋଜନା ଆରମ୍ଭ କଲେ। ଫୋରମ୍‌ର ୨୦ଜଣ ସଦସ୍ୟ ସହରର ବିଭିନ୍ନ ସ୍ଥାନରେ ଥିବା ଗଛରେ ସ୍ୱେଟର, ଜ୍ୟାକେଟ୍, ଶାଲ୍ ଭଳି ବିଭିନ୍ନ ଶୀତବସ୍ତ୍ର ରଖି ସେଥିରେ ଏକ ନୋଟ୍ ଲେଖି ଲଗାଇ ଦିଅନ୍ତି। ଯେଉଁଥିରେ ଲେଖାଥାଏ 'ଇଫ୍ ୟୁ ୱାଣ୍ଟ ଇଟ୍ ଟେକ୍ ଇଟ୍'। ଏମାନେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଶୀତବସ୍ତ୍ର କିଣିଥାଆନ୍ତି। ଅନେକ ବ୍ୟବସାୟୀ ତ ଏହି ଗ୍ରୁପ୍‌ର ଉଦ୍ଦେଶ୍ୟ ଜାଣି କମ୍ ଦାମରେ ବସ୍ତ୍ର ଯୋଗାଇ ଦିଅନ୍ତି। ବେଙ୍ଗାଲୁରୁର ଜୟାନା ସର୍କଲ, ମରପ୍ପା ଲେଆଉଟ୍, ଜାଭରେଗୌଡାନା ଆଦି ଅଞ୍ଚଳରେ ଏମାନେ ଶୀତବସ୍ତ୍ରକୁ ଗଛକୁ ପିନ୍ଧାଇ ଅବା ଗଛରେ ଝୁଲାଇ ରଖି ଥାଆନ୍ତି। ଆଉ ଜଗିକି ରୁହନ୍ତି ଏହାକୁ କେଉଁମାନେ ନେଉଛନ୍ତି। ଗରିବ ଲୋକଟିଏ ଯେତେବେଳେ ଏହାକୁ ପାଇ ଖୁସି ଅନୁଭବ କରେ ଏହି ଗ୍ରୁପ୍‌ର ସଦସ୍ୟଙ୍କୁ ଆତ୍ମତୃପ୍ତି ମିଳିଥାଏ। ଏମାନଙ୍କର ଆଉ ଏକ ଗ୍ରୁପ୍ ବି ଅଛି ଯେଉଁମାନେ କିଙ୍ଗଡମ୍ କଲେଜ୍ ନିକଟରେ ଗଛରେ ଶୀତବସ୍ତ୍ର ଗରିବଙ୍କ ପାଇଁ ଝୁଲାଇ ରଖୁଛନ୍ତି। ସୂଚନାଯୋଗ୍ୟ ଯେ, ବୁଲଗେରିଆ, ହଙ୍ଗେରିରେ ଏହିଭଳି ଶୀତବସ୍ତ୍ର ଦାନ କରିଯାଉଥିବା ଖବର ସୋସିଆଲ ମିଡିଆରୁ ପାଇବା ପରେ ଉକ୍ତ ଗ୍ରୁପ୍ ନିଜ ଅଞ୍ଚଳରେ 'ଫ୍ରି ଅନ୍ ଟ୍ରି' ନାମକ ଏହି ଯୋଜନା ଆରମ୍ଭ କରିଥିଲେ।





